ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଋକ୍ ବେଦ

(ଋଗ୍ ବେଦ)

Rig Veda

## ଶାକଲ ସଂହିତା

Shakala Samhita

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ** (Proofreading by)

ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ଶ୍ରୀ ନିଳାଦ୍ରି ବିହାରୀ ସତପଥୀ



**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦକ

prakash@scholarshoppe.com

## ଶୁଦ୍ଧିକରଣ



**ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର**

ସଂପାଦକ, ହିନ୍ଦୁ ମହାସଭା,

ଓଡିଶା ଶାଖା

astrosant@gmail.com



**ଶ୍ରୀ ନିଳାଦ୍ରି ବିହାରୀ ସତପଥୀ**

niladrihere@gmail.com

No Commercial Use

# ପୂର୍ବାଭାଷ

ମାତାପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ମହାଗଣପତୟେ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

**୨୫, ମାର୍ଚ୍ଚ, ୨୦୨୦,** କୋଭିଡ-୧୯ ପାଇଁ ଭାରତ ବନ୍ଦ ଘୋଷଣା କରାଗଲା । ସବୁକିଛି ବନ୍ଦ, ଘରେ ବସିବା ଛଡା କିଛି ରାସ୍ତା ନାହିଁ । ତେବେ କ'ଣ କରିବା ? ଖାଲି ବସିବା ସମ୍ଭବ ନୁହେଁ । ତେଣୁ ଚିନ୍ତା କଲି ଯେ **'ବେଦ'** ଉପରେ କିଛି କାମ କରିବି ବୋଲି । ଏହା ପୂର୍ବରୁ ଓଡିଆରେ ବେଦର କୌଣସି ଡିଜିଟାଲ ଦସ୍ତାବିଜ ନଥିଲା, ସେଥିପାଇଁ ବେଦର ଓଡିଆ ଭାଷାରେ ରୂପାନ୍ତରିତ ହେବାର ଆବଶ୍ୟକ ଥିଲା । ତେଣୁ ଏହି ସମୟକୁ ବେଦର ରୂପାନ୍ତର କରିବାରେ ବିନିଯୋଗ କରିବି ବୋଲି ସ୍ଥିର କଲି । ଯଦିଓ ପୂର୍ବରୁ ଏହା ଉପରେ କାମ କରିବାକୁ ବହୁତ ଇଛାଥିଲା, କିନ୍ତୁ କର୍ମମୟ ଜୀବନରେ ସମୟର ଅଭାବରୁ ଏହା କରିପାରିନଥିଲି । ସେଥିପାଇଁ ଚିନ୍ତାକଲି ପ୍ରଥମେ "**ଋକ୍ ବେଦ**"ରୁ ଅରମ୍ଭ କରିବି ଓ ଏହାପରେ ଅନ୍ୟ ବେଦ ମାନଙ୍କ ଉପରେ କାମ କରିବି ।

ଗତ ୭ ବର୍ଷ ହେବ ଯେତେବେଳେ ସମୟ ମିଳୁଥିଲା, ସେତେବେଳେ ବେଦ ଉପରେ ଗବେଷଣା କରିଆସୁଥିଲି । ଏ ସମୟରେ ଅନେକ ପୂରୁଣା ଓ ଅସାଧ୍ୟ ଦସ୍ତାବିଜ ଗୁଡିକ ହାସିଲ ହେଲା, ଓ କିଛି ପୁସ୍ତକ ଓ ଡିଭିଡି ଦେଶ ବା ବିଦେଶ ରୁ କିଣିବାକୁ ପଡିଥିଲା । ସେଗୁଡିକୁ ପଢି ଆସୁଅଛି । ମୋ ପାଇଁ ରୁଚିର ବିଷୟ ଥିଲା, ଜାଣିବାକୁ ଇଛାଥିଲା ଯେ କେମିତି ଆମ ପୂର୍ବପୁରୁଷମାନେ ଏତେ ଜ୍ଞାନୀ ଥିଲେ, ଯେଉଁ ମାନଙ୍କୁ ଆଜିର ବିଜ୍ଞାନ ଅନୁସରଣ କରିଆସୁଅଛି ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ଏବେ ମନରେ ସ୍ୱତଃ ପ୍ରଶ୍ନ ଆସିପାରେ, ବେଦର ରୂପାନ୍ତର କ'ଣ ଦରକାର ? ଆମେମାନେ ଯେତେବେଳେ ସ୍କୁଲରେ ସଂସ୍କୃତ ପଢୁଥିଲୁ, ସେତେବେଳେ ଆମେ ସଂସ୍କୃତକୁ ଓଡିଆ ଲିପିରେ ଲେଖୁଥିଲୁ ବା ପଢୁଥିଲୁ । ତେଣୁ ଯଦିଓ ସମସ୍ତଙ୍କୁ ସଂସ୍କୃତ ଜଣାଥିଲା କିନ୍ତୁ ସମସ୍ତେ ସଂସ୍କୃତ ଲିପି ପଢିବାରେ ପ୍ରବୀଣ ନ ଥିଲେ । କାରଣ ଆମେ ସଂସ୍କୃତକୁ ଓଡିଆ ଲିପିରେ ପଢିଥିଲେ ବା ଲେଖିଥିଲେ । ତେଣୁ ବେଦର ଓଡିଆ ଲିପିରେ ରୂପାନ୍ତରିତ ଆବଶ୍ୟକ ଥିଲା । ତାହା ଛଡା ଯେଉଁମାନେ ସଂସ୍କୃତ ଲିପି ପଢିବା ଜାଣିନାହାଁନ୍ତି, କିନ୍ତୁ ସେମାନଙ୍କର ବେଦ ମନ୍ତ୍ର ବା ଶ୍ଲୋକ ଜାଣିବାରେ ଇଛା ଅଛି, ଏହା ସେମାନଙ୍କର ସହାୟକ ହେବ । ଏହାକୁ ଆଖି ଆଗରେ ରଖି ଆଗକୁ ଆଗେଇଲି, କିନ୍ତୁ ଏକୁଟିଆ ଏ ସବୁ କରିବା ସମ୍ଭବ ନ ଥିଲା । ତେଣୁ ବେଦର ରୂପାନ୍ତର ଆରମ୍ଭ କରିବା ପୁର୍ବରୁ ମୋ ଜଣା ଗୁରୁମାନଙ୍କୁ ଯୋଗାଯୋଗ କଲି ଓ କିଛି 'ଫେସବୁକ' ସାଙ୍ଗମାନଙ୍କୁ ଯୋଗାଯୋଗ କଲି । ସମସ୍ତେ ମତ ଦେଲା ପରେ ଆଗକୁ ବଢିଲି ।

କୌଣସି କାର୍ଯ୍ୟ କଲେ କଠିନତା ତ ନିଶ୍ଚିତ ଆସେ, ସେହିପରି ଏଥିରେ ମଧ୍ୟ କଠିନତା ଆସିଥିଲା । ସୁଖଦ ବିଷୟ, ମୋ ପୃଷ୍ଠଭୂମି ଇନ୍‌ଫର୍ମେସନ ଟେକନୋଲୋଜି ସଂଗରେ ଯୋଡା ଥିଲା, ସେଥିପାଇଁ ଏହି କାମରେ ସଫ୍ଟୱୟର ବ୍ୟବହାର କଲି । ଏହା କିଛି ମାତ୍ରାରେ ସହାୟକ ହେଲା । ପ୍ରାୟ ୮୦ ଭାଗ କାମ କରିସାରିବା ପରେ ଦେଖିଲି ଯେ ଯୁକ୍ତାକ୍ଷର ଗୁଡିକର ସଠିକ ରୂପାନ୍ତର ହୋଇପାରୁନି । ଏହା ବଡ ଚିନ୍ତାର ବିଷୟ ଥିଲା । କାରଣ ମନ୍ତ୍ରରେ ଆକାର, ହର୍ସ୍ୱ-ଇକାର, ଦୀର୍ଘ-ଇକାର, ଯୁକ୍ତାକ୍ଷର ଇତ୍ୟାଦି ଭୁଲ ହେଲେ, ସଂପୁର୍ଣ୍ଣ ମନ୍ତ୍ର ବା ଶ୍ଲୋକର ଅର୍ଥ, ଶକ୍ତି ଓ ଫଳ ବଦଳିଯିବ । ଉଦାହରଣ ସ୍ୱରୂପ - 'ସୁର' ଓ 'ସୂର' ; 'କର୍ମ' ଓ 'କ୍ରମ'; 'ସଂବାଦ' ଓ 'ସମ୍ବାଦ'; 'ସ୍ୱଷ୍ଟ' ଓ 'ସ୍ୱଷ୍ଠ' ଇତ୍ୟାଦି, ଯଦିଓ ଏ ସମସ୍ତ ଶବ୍ଦର ଉଚାରଣ ଏକ ପ୍ରକାରର, କିନ୍ତୁ ଅର୍ଥ ଅଲଗା ଅଲଗା । ଆଉ ଏକ ବଡ ଡର ଥିଲା ଯେ - ଯେଉଁ ବେଦ ୫୦୦୦ ବର୍ଷ ପୂର୍ବରୁ ଯେମିତି ଥିଲା, ଏବେ ବି ସେହିପରି ଅପରିବର୍ତ୍ତିତ ଅଛି, ତେଣୁ ଓଡିଆରେ ରୂପାନ୍ତର ଠିକ ସେହିପରି ଅପରିବର୍ତ୍ତିତ ରହିବା ଦରକାର, ନଚେତ ଏ କାମର କୌଣସି ମୂଲ୍ୟ ରହିବନାହିଁ । କିଛି ଦିନପରେ ଏହାର ସମାଧାନ ମଧ୍ୟ ମିଳିଲା । ତେଣୁ ପୁଣି ଥରେ ମୂଳରୁ କାମ ଆରମ୍ଭ କରିବାକୁ ପଡିଲା । ଶେଷରେ ସଫଳତା ମିଳିଲା ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

**"ଋକ୍ ବେଦ" ବିଶ୍ୱର ସବୁଠୁ ପୁରୁଣା ଧର୍ମ ଗ୍ରନ୍ଥ** ଅଟେ, ଯାହାକି ୫୦୦୦ ବର୍ଷରୁ ଊର୍ଦ୍ଧ । ସେଥିରେ ୧୦ଟି ମଣ୍ଡଳ (ପୁସ୍ତକ) ରହିଅଛି । ସେଥିରେ **୧,୦୨୮** ଟି "**ସୂକ୍ତ**", ସମୁଦାୟ **୧୦,୫୫୨**ଟି "**ଶ୍ଲୋକ ବା ମନ୍ତ୍ର**", ୨୧,୦୩୫ଟି "**ପଦ**" (ଲାଇନ୍), ୩୯,୮୩୯ଟି "**ପାଦ**", ୧,୬୩,୫୫୭ଟି "**ଶବ୍ଦ**", ଓ ୩,୮୪,୧୬୭ଟି "**ଅକ୍ଷର**" ଅଛି । ଏହାର ଓଡିଆରେ ରୂପାନ୍ତରିତ କାମ କରିବାପାଇଁ ପ୍ରାୟ ୧୦ ମାସ ସମୟ ଲାଗିଗଲା ।

ପ୍ରତ୍ୟେକ ମଣ୍ଡଳର (ପୁସ୍ତକ) 'ସୂକ୍ତ', 'ମନ୍ତ୍ର', 'ପଦ', 'ପାଦ', 'ଶବ୍ଦ' ଓ ଅକ୍ଷର ସଂଖ୍ୟା ତଳେ ଟେବୁଲରେ ଦିଆଯାଇଛି ।

| | ମଣ୍ଡଳ ୧ | ମଣ୍ଡଳ ୨ | ମଣ୍ଡଳ ୩ | ମଣ୍ଡଳ ୪ | ମଣ୍ଡଳ ୫ | ମଣ୍ଡଳ ୬ | ମଣ୍ଡଳ ୭ | ମଣ୍ଡଳ ୮ | ମଣ୍ଡଳ ୯ | ମଣ୍ଡଳ ୧୦ | ସମୁଦାୟ |
|---|---|---|---|---|---|---|---|---|---|---|---|
| **ସୂକ୍ତ** | ୧୯୧ | ୪୩ | ୬୨ | ୫୮ | ୮୭ | ୭୫ | ୧୦୪ | ୧୦୩ | ୧୧୪ | ୧୯୧ | ୧,୦୨୮ |
| **ମନ୍ତ୍ର** | ୨୦୦୬ | ୪୨୯ | ୬୧୭ | ୫୮୯ | ୭୨୭ | ୭୬୫ | ୮୪୧ | ୧୭୧୬ | ୧୧୦୮ | ୧୭୫୪ | ୧୦,୫୫୨ |
| **ପଦ** | ୪୦୪୦ | ୮୫୯ | ୧୨୩୪ | ୧୧୭୮ | ୧୪୪୭ | ୧୫୨୬ | ୧୬୪୨ | ୩୪୧୯ | ୨୧୯୨ | ୩୪୯୮ | ୨୧,୦୩୫ |
| **ପାଦ** | ୭୭୪୫ | ୧୬୯୪ | ୨୩୫୭ | ୨୨୪୯ | ୨୮୬୦ | ୨୯୧୯ | ୩୧୯୦ | ୬୦୭୧ | ୬୦୭୧ | ୬୯୯୬ | ୩୯,୮୩୯ |
| **ଶବ୍ଦ** | ୩୨୨୬୩ | ୭୬୯୮ | ୯୮୯୯ | ୯୬୭୩ | ୧୧୫୩୭ | ୧୨୫୨୯ | ୧୪୧୭୮ | ୨୧୮୧୭ | ୧୪୦୭୬ | ୨୯୮୮୭ | ୧,୬୩,୫୫୭ |
| **ଅକ୍ଷର** | ୭୫୭୪୯ | ୧୭୯୨୬ | ୨୩୯୫୧ | ୨୨୫୨୯ | ୨୭୨୭୩ | ୨୯୦୧୦ | ୩୨୯୩୯ | ୫୦୬୯୪ | ୩୪୦୫୭ | ୭୦୦୩୯ | ୩,୮୪,୧୬୭ |

ଏହି ରୂପାନ୍ତରିତ ରେ ବେଦର **'ସ୍ୱର'** (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । 'ୱେବ ସାଇଟ' ରେ ସମସ୍ତ ଶ୍ଲୋକ ବା ମନ୍ତ୍ର ମାନଙ୍କର **'ସ୍ୱରାବୃତି'** ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

ଏହି 'ଋକ୍ ବେଦ' ର ରୂପାନ୍ତର ବିଶ୍ୱସନୀୟ ସୂତ୍ର ଉପରେ ଅଧାରିତ । କେଉଁ କେଉଁ ସୂତ୍ର ଏହି ଦସ୍ତାବିଜରେ ବ୍ୟବହାର କରାଯାଇଛି, ତାହାର ତାଲିକା ଦିଆଯାଇଛି । ଏଥି

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ମଧ୍ୟରୁ 'ଜର୍ମାନୀ' ର ସଂସ୍କୃତ ବିଷାରଦ "ମାକ୍ସ ଏଫ୍ ମୁଲ୍ଲେର" ଓ "ଡେଟଲେଫ୍ ଏଇଚଲେର୍" ଙ୍କର ମୂଳ ଦସ୍ତାବିଜ ଏହାର ଆଧାର । 'ମାକ୍ସ ମୁଲ୍ଲେର' ଭାରତକୁ ବେଦ ଉପରେ ଗବେଷଣା କରିବାପାଇଁ ୧୮୫୦ ମସିହାରେ ଆସିଥିଲେ । 'ଋକ୍ ବେଦ' ର ସୂକ୍ତ ଗୁଡିକୁ ଏକାଠି କରିବାରେ ତାଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା । ଏହିପାଇଁ ତାଙ୍କୁ ୧୦ ବର୍ଷ ଲାଗି ଯାଇଥିଲା । ୧୮୬୦ ମସିହା ରେ 'ଋକ୍ ବେଦ' ର ସଂପୂର୍ଣ୍ଣ ଦସ୍ତାବିଜ "ଅକ୍ସଫୋର୍ଡ ଇଉନିଭରସିଟି" ରେ ଜମା କରିଥିଲେ । ସେହି ଦସ୍ତାବିଜ ଗୁଡିକ ଏହି ରୂପାନ୍ତର ର ଆଧାର । ଏହା ସହିତ ଅନ୍ୟ ସୂତ୍ର ଗୁଡିକ ବି ବ୍ୟବହାର କରାଯାଇଛି ।

'ଋକ୍ ବେଦ' ର ଓଡିଆରେ ରୂପାନ୍ତରିତ ସରିବା ପରେ, ଏହା ଠିକ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବିଜ ସଙ୍ଗରେ ରୂପାନ୍ତରିତ ଦସ୍ତାବିଜର ଯାଞ୍ଚ କରିବାପାଇଁ, ୫ ଜଣ ଅଲଗା ଅଲଗା ଶୁଦ୍ଧିକରଣ କାମରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର", ଓ "ଶ୍ରୀ ନିଳାଦ୍ରି ବିହାରୀ ସତପଥୀ " ମୁଖ୍ୟରୁପେ କାମ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟ ମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗ ଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ଗ୍ରନ୍ଥ **"ଋକ୍ ବେଦ" ଓଡିଆ ରେ** ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ  ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ତାରିଖ - ୩୦.୧୨. ୨୦୨୦** **ସଂପାଦକ,**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।

ବର୍ତ୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

# ଉତ୍ସର୍ଗ

ଏହି ଗ୍ରନ୍ଥ **"ଋକ୍ ବେଦ" ଓଡିଆ ରେ** ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

# ନିବେଦନ

ଏହି ଗ୍ରନ୍ଥ **"ଋକ୍ ବେଦ" ଓଡିଆ ରେ** ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟ ରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ । ବେଦ ପଢିବା ପୂର୍ବରୁ, ବେଦ ବିଷୟରେ ଜାଣିବା ନିହାତି ଆବଶ୍ୟକ, ତେଣୁ ସଂପାଦକଙ୍କ ଆଉ ଏକ ପୁସ୍ତକ " **ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ - ଏକ ସଂକ୍ଷିପ୍ତ ପରିଚୟ** " ପଠନ କରିପାରିବେ ।

**ସଂପାଦକ,**

# କ୍ଷମା ପ୍ରାର୍ଥନା

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତରିତ କରାଯାଇଛି । ଏଥିରେ ଭୁଲ ବା ତୃଟି ରହିଥାଇ ପାରେ, ସେଥିପାଇଁ ପାଠକ ମାନଙ୍କ ପାଖରେ ଅଗ୍ରୀମ କ୍ଷମା ପ୍ରାର୍ଥନା କରୁଛି । ଯଦି କିଛି ଭୁଲ ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ବିଶେଷ ଅନୁରୋଧ କରୁଛି।

**କ୍ଷମାପ୍ରାର୍ଥୀ**

ଶ୍ରୀ ପ୍ରକାଶ ପ୍ରଧାନ, ସଂପାଦକ ।

Not for Commercial Use

ଯଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ଯଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୂନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

| | |
|---|---|
| Sources<br>ସୂତ୍ର | • Sir F MAX MULLER – 1st edition research paper on year 1860 submitted to Oxford University for publication<br>• Sir DETLEF EICHLER<br>• Ralph T H Griffith<br>• www.sanskritdocuments.org<br>• www.archive.org<br>• www.academia.edu<br>• IISH Global (Indian Institute of Scientific Heritage)<br>• www.docs.google.com<br>• www.sanskritweb.net/rigveda/<br>• Vedanta Spiritual Library – www.celextel.org<br>• www.wikipedia.org<br>• www.vedicheritage.gov.in |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ଦସ୍ତାବିଜ ବା ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

Not for Commercial Use

## 'ଋକ୍ ବେଦ' - ମଣ୍ଡଳ (ପୁସ୍ତକ) ସମ୍ବନ୍ଧୀୟ ସୂଚନା

**'ଋକ୍ ବେଦ'** ରଚନାରେ **୪୦୦ ରୁ ଉର୍ଦ୍ଧ** ମନ୍ତ୍ରଦ୍ରଷ୍ଟା ଋଷି ମାନଙ୍କର ଯୋଗଦାନ ରହିଥିଲା । ସେମାନଙ୍କ ମଧ୍ୟରୁ **୩୦ ଜଣ ନାରୀ ଋଷି** ବା ଋଷିକା ଥିଲେ । ଏହି ଋଷି ମାନଙ୍କ ମଧ୍ୟରୁ ଅଧିକାଂଶ ୧୦ଟି ମୁଖ୍ୟ ଋଷିକୁଳର ଥିଲେ । ଋଷିକୁଳ କହିଲେ, ସେଥିରେ ମୁଖ୍ୟଋଷି, ଋଷିଗଣ, ସେମାନଙ୍କର ବଂଶ, ପରିବାର, ଓ ଶିଷ୍ୟ ଋଷିଗଣ କୁ ବୁଝାଏ । ପ୍ରତ୍ୟେକ ଋଷିକୁଳ ତାଙ୍କର ବିଶେଷ୍ବତ, ଯଥା ଆରାଧ୍ୟ, ସାଧନା, ତପ ଓ ବିଷୟ୍ୱ ପାଇଁ ପ୍ରସିଦ୍ଧ । ଏହି ୧୦ଟି ଋଷିକୁଳ **'ଦଶତ୍ରୟୀ'** ନାମରେ ଜଣା ଓ ତାଙ୍କ ପାଖରେ 'ଋକ୍ ବେଦ'ର ୯୫ ଭାଗ ମନ୍ତ୍ର ଗୁଡିକ ଥିଲା । ଆଉ ୫ ଭାଗ ଅନ୍ୟ ମନ୍ତ୍ରଦ୍ରଷ୍ଟା ଋଷି ମାନଙ୍କର ମନ୍ତ୍ର ସମୁହ ଥିଲା । ଏମାନେ 'ଋକ୍ ବେଦ'ର ରଚୟିତା ଭାବରେ ଜଣା । ଅର୍ଥାତ ସେମାନଙ୍କୁ 'ଋକ୍ ବେଦ' ମନ୍ତ୍ର ଗୁଡିକ ପ୍ରକଟିତ ହୋଇଥିଲା । ତେଣୁ ଆମେ ସେମାନଙ୍କୁ 'ରଚୟିତା' ବୋଲି ସମ୍ବୋଧନ କରିବା ।

ପ୍ରତ୍ୟେକ ମନ୍ତ୍ର ଗୋଟିଏ ଋଷି ଦ୍ୱାରା, ଗୋଟିଏ ଛନ୍ଦରେ ଓ ଗୋଟିଏ ଦେବତା ବା ଯୁଗ୍ମ ଦେବତା ଙ୍କ ଉଦ୍ଦେଶ୍ୟରେ ରଚନା କରାଯାଇଛି । ତେଣୁ ପ୍ରତ୍ୟେକ ମନ୍ତ୍ରର ଋଷି, ଛନ୍ଦ ଓ ଦେବତା ରହିଥାଏ । ଆଗକୁ 'ଋକ୍ ବେଦ'ର ବିଷୟ୍ବବସ୍ତୁ ବୁଝିବା ପୂର୍ବରୁ, ଋଷି, ଛନ୍ଦ ଓ ଦେବତା ବିଷୟ୍ବର କିଛି ତଥ୍ୟ ବୁଝିବା ନିତାନ୍ତ ଆବଶ୍ୟକ ଅଟେ । ଆଚାର୍ଯ୍ୟ କାତ୍ୟାୟନଙ୍କ 'ସର୍ବାନୁକ୍ରମଣୀ' ଓ ଆଚାର୍ଯ୍ୟ ଯକ୍ଷଙ୍କ 'ନିରୁକ୍ତ'ରେ, ଏ ବିଷୟ୍ବରେ ସ୍ୱଷ୍ଟ ଉଲ୍ଲେଖ କରାଯାଇଛି ।

ଏଠି **ଋଷିର ସଂଜ୍ଞା** କହିଲେ –

- ସେ, ଜଣେ ନାରୀ ବା ପୁରୁଷ, ଜଣେ ବିବାହିତ ବା ଅବିବାହିତ, ଓ ଜଣେ ଗୃହସ୍ଥ ବା ବନସ୍ଥ ହୋଇ ପାରନ୍ତି । ସେ, କୌଣସି ଋଷିଙ୍କର ପୁତ୍ର, ବା ପୌତ୍ର, ବା କନ୍ୟା ବା ସ୍ତ୍ରୀ ହୋଇ ପାରନ୍ତି । ସେ, କୌଣସି ଗୋତ୍ର, ବା ବଂଶ, ବା କୁଳ, ବା ସମ୍ପ୍ରଦାୟ୍ବ ର ଅନ୍ତର୍ଗତ ଅଟନ୍ତି । ତଥା ସେ, ମଧ୍ୟ କଥାପକଥନ ବା ଉକ୍ତି ପ୍ରତ୍ୟୁକ୍ତି ର ଦେବତା ହୋଇ ପାରନ୍ତି ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

- ଅନେକ ସମୟରେ ମନ୍ତ୍ରର ରଚୟିତା ଋଷିଙ୍କର ଦୁଇଟି ନାମ  ରହିଥାଏ, ତେବେ ଏହା କ'ଣ ଦୁଇଟି ଋଷିଙ୍କ ଦ୍ୱାରା ରଚନା କରାଯାଇଛି ?  ଏହାର ଉତ୍ତର, ନାଁ, ଏହା କେବଳ ଗୋଟିଏ ଋଷି ଦ୍ୱାରା ରଚନା କରାଯାଇଛି । ତେବେ ୨ୟ ନାମ କ'ଣ ପାଇଁ ? ଏହାର ଉତ୍ତର, ୨ୟ ନାମ  ତାଙ୍କର ପିତାଃ, ବା ଗୁରୁ, ବା ସ୍ୱାମୀ, ବା ଗୋତ୍ର, ବା କୁଳ, ବା ବଂଶ, ବା ସମ୍ପ୍ରଦାୟ, ବା ଉକ୍ତି ପ୍ରତ୍ୟୁକ୍ତି ଦେବତା ହୋଇ ପାରନ୍ତି । ମନ୍ତ୍ରରେ ଋଷିଙ୍କର ଦୁଇଟି ନାମରୁ ଅନେକ ତଥ୍ୟ ଜଣା ପଡିଥାଏ, ଯଥା ସେ କାହା ପୁତ୍ର ବା କନ୍ୟା, କେଉଁ ଋଷିକୁଳର, କେଉଁ ଗୋତ୍ରର  ଇତ୍ୟାଦି ।

**ଉଦାହରଣ ସ୍ୱରୂପ –**

- 'ଋକ୍ ବେଦ'ର ପ୍ରଥମ ସୂକ୍ତର ରଚୟିତା - (ଋ.ବେ ୧.୧) - ମଧୁଛନ୍ଦାଃ ବୈଶ୍ୱାମିତ୍ରଃ ଅଟନ୍ତି । ଏଠି ରଚୟିତା ଋଷି ହେଉଛନ୍ତି ମଧୁଛନ୍ଦା, ସେ ବିଶ୍ୱାମିତ୍ରଙ୍କର ପୁତ୍ର/ ଶିଷ୍ୟ ।
- ସେହିପରି - (ଋ.ବେ - ୩.୬୨.୧୦) ଗାୟତ୍ରୀ ମନ୍ତ୍ରର ରଚୟିତା ବିଶ୍ୱାମିତ୍ରଃ ଗାଧିନଃ ଅଟନ୍ତି । ଏଠି ରଚୟିତା ଋଷି ହେଉଛନ୍ତି ବିଶ୍ୱାମିତ୍ର, ଓ ସେ ଗାଧିଙ୍କ ପୁତ୍ର ଅଟନ୍ତି ।
- ଅନ୍ୟଏକ, (ଋ.ବେ - ୧୦.୩୯) ସୂକ୍ତର ରଚୟିତା ଘୋଷା କକ୍ଷିବତୀ ଅଟନ୍ତି । ଏଠି ରଚୟିତା ଋଷିକା ହେଉଛନ୍ତି ଘୋଷା ଓ ସେ କକ୍ଷିବନ ଋଷିଙ୍କର ସ୍ତ୍ରୀ ଅଟନ୍ତି ।
- ଆଉ ଏକ, (ଋ.ବେ ୧.୧୭୦) ସୂକ୍ତର ରଚୟିତା ଇନ୍ଦ୍ରଃ, ଅଗସ୍ତ୍ୟଃ ମୈତ୍ରାବରୁଣିଃ, । ଏଠି ଏହି ସୂକ୍ତର ପ୍ରକୃତ ରଚୟିତା ଋଷି ଅଗସ୍ତ୍ୟ ଅଟନ୍ତି, କିନ୍ତୁ ଉକ୍ତ-ପ୍ରତ୍ୟୁକ୍ତର ଦେବତା ଇନ୍ଦ୍ର ଓ ମିତ୍ର-ବରୁଣ ହୋଇଥିବାରୁ ସେମାନେ ମଧ୍ୟ ଏହି ସୂକ୍ତର ଋଷି ବୋଲି ମାନାଯାଏ ।

'ଋକ୍ ବେଦ'ର ଦେବତା ଓ ଛନ୍ଦ ବିଷୟରେ **"ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ - ଏକ ସଂକ୍ଷିପ୍ତ ପରିଚୟ"** ପୁସ୍ତକରେ ଆଲୋଚନା କରାଯାଇଛି । ଛନ୍ଦରୁ ମନ୍ତ୍ରର ଭାବ ଜଣାପଡିଥାଏ ଓ ଦେବତାରୁ ମନ୍ତ୍ରର ଶକ୍ତି ଓ ବିଷୟ ଜଣାପଡିଥାଏ ।

ଏବେ ଆମେ, ମଣ୍ଡଳ ପ୍ରବନ୍ଧନକୁ ଆଧାର କରି, **'ଋକ୍ ବେଦ'**ର ବିଷୟବସ୍ତୁ, ରଚୟିତା, ଦେବତା, ଛନ୍ଦ ଓ ଅନ୍ୟ ବିଷୟରେ ସମ୍ୟକ ଜାଣିବା ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

## ମଣ୍ଡଳ – ୧, (ପୁସ୍ତକ - ୧)

"**ମଣ୍ଡଳ-୧**" କୁ '**ଶତର୍ଚ୍ଚିନଃ** ମଧ୍ୟ କୁହାଯାଏ, ଅର୍ଥାତ ଯେଉଁ ଋଷିମାନେ ୧୦୦ରୁ ଅଧିକ ମନ୍ତ୍ର 'ଋକ୍ ବେଦ'କୁ ଯୋଗଦାନ କରିଛନ୍ତି, ସେମାନଙ୍କୁ ଏହି ମଣ୍ଡଳ ସମର୍ପିତ କରାଯାଇଛି । ଏଥିରେ ୧୯୧ଟି ସୂକ୍ତ ବା ସମୁଦାୟ ୨୦୦୬ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ୭ଟି ଋଷିକୁଳର ମନ୍ତ୍ର ଗୁଡିକ ସ୍ଥାନ ପାଇଥିଲା । ସେହି ଋଷିକୁଳ ଗୁଡିକ ହେଲେ - କଣ୍ୱ (୨୭ ସୂକ୍ତ, ୩୨୧ ମନ୍ତ୍ର), ଆଙ୍ଗିରସ (୯୬ ସୂକ୍ତ, ୧୦୪୭ ମନ୍ତ୍ର), ଅଗସ୍ତ୍ୟ (୨୭ ସୂକ୍ତ, ୨୩୯ ମନ୍ତ୍ର), ବିଶ୍ୱାମିତ୍ର (୧୮ ସୂକ୍ତ, ୨୩୯ ମନ୍ତ୍ର), ବସିଷ୍ଠ (୯ ସୂକ୍ତ, ୯୧ ମନ୍ତ୍ର), କଶ୍ୟପ (୧ ସୂକ୍ତ, ୧ ମନ୍ତ୍ର), ଓ ଭରତ (୧୩ ସୂକ୍ତ, ୧୦୦ ମନ୍ତ୍ର) ଥିଲା ।

ଏଥିରୁ **ପ୍ରଥମ ସୂକ୍ତ ଅଗ୍ନି**ଙ୍କୁ ସମର୍ପଣ କରାଯାଇଛି, ଓ ତାଙ୍କ ନାମ 'ଋକ୍ ବେଦ'ର **ପ୍ରଥମ ଶବ୍ଦ** ଅଟେ । ବାକି ସମସ୍ତ ସୂକ୍ତ ଓ ମନ୍ତ୍ର ଗୁଡିକ ମୁଖ୍ୟତଃ ଅଗ୍ନି, ଓ ଇନ୍ଦ୍ର ଙ୍କ ଉଦ୍ଦେଶ୍ୟରେ, ଏହା ସହିତ ବରୁଣ, ମିତ୍ର, ଅଶ୍ୱିନ,ମରୁତ, ଉଷା, ସୂର୍ଯ୍ୟ, ଋଭୂ, ରୁଦ୍ର, ବାୟୁ, ବୃହସ୍ପତି, ବିଷ୍ଣୁ, ଦ୍ୟାସ୍ୟୁ, ପୃଥିବୀ, ଓ ବିଶ୍ୱଦେବ ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ ରଚନା କରାଯାଇଛି । ଏହି ମଣ୍ଡଳରେ ମୁଖ୍ୟତଃ ଗାୟତ୍ରୀ, ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଜଗତୀ, ବୃହତୀ ଓ ପଙ୍କ୍ତି ଇତ୍ୟାଦି ଛନ୍ଦ ବ୍ୟବହାର କରାଯାଇଛି । ଏଥିରେ ଥିବା ମନ୍ତ୍ର ଗୁଡିକ **'ପ୍ରହେଳିକା ବା କୌତୂହଳପୂର୍ଣ୍ଣ ଦର୍ଶନତତ୍ତ୍ୱ'** ବିଷୟ ଉପରେ ଆଧାରିତ ଥିଲା, ଯେଉଁ ଗୁଡିକ ପର ସମୟରେ 'ଉପନିଷଦ' ରଚନା କରିବା ପାଇଁ ଅନୁପ୍ରାଣିତ ଥିଲା । ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ସୂକ୍ତ ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୧.୧ | ଅଗ୍ନି-ସୂକ୍ତ | ଅଗ୍ନି | ମଧୁଛନ୍ଦାଃ ବୈଶ୍ୱାମିତ୍ରଃ | ଅଗ୍ନିମୀଳେ ପୁରୋହିତଂ... |
| ୧.୨୨ | ବିଷ୍ଣୁ-ସୂକ୍ତ | ବିଷ୍ଣୁ | ମେଧାତିଥିଃ କାଣ୍ୱଃ | ଅତୋ ଦେବା ଅବନ୍ତୁ... |
| ୧.୩୨ | ଇନ୍ଦ୍ର-ସୂକ୍ତ | ଇନ୍ଦ୍ର | ହିରଣ୍ୟସ୍ତୂପଃ ଆଙ୍ଗିରସଃ | ଇନ୍ଦ୍ରସ୍ୟ ନୁ ବୀର୍ଯ୍ୟାଣି... |
| ୧.୮୯ | ଶାନ୍ତି-ସୂକ୍ତ | ବିଶ୍ୱେ ଦେବା | ଗୌତମଃ ରାହୁଗଣଃ | ଆ ନୋ ଭଦ୍ରାଃ କ୍ରତବୋ... |
| ୧.୯୦ | ମଧୁ-ସୂକ୍ତ | ବିଶ୍ୱେ ଦେବା | ଗୌତମଃ ରାହୁଗଣଃ | ଋଜୁନୀତୀ ନୋ ବରୁଣୋ... |
| ୧.୯୯ | ଅଗ୍ନି-ଦୁର୍ଗା-ସୂକ୍ତ | ଅଗ୍ନି | କଶ୍ୟପଃ ମାରିଚଃ | ଜାତବେଦସେ ସୁନବାମ... |
| ୧.୧୬୨ | ଅଶ୍ୱମେଧ-ସୂକ୍ତ | ଅଶ୍ୱଃ | ଦୀର୍ଘତମାଃ ଔଚଥ୍ୟଃ | ମା ନୋ ମିତ୍ରୋ ବରୁଣୋ... |

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

# ମଣ୍ଡଳ – ୨, (ପୁସ୍ତକ - ୨)

"**ମଣ୍ଡଳ-୨**", "**ଗୃତ୍ସମଦ ମଣ୍ଡଳ**" ନାମରେ ମଧ୍ୟ ଜଣା । ଏହି ମଣ୍ଡଳ ଗୃତ୍ସମଦ ଋଷିକୁଳକୁ ସମର୍ପିତ କରାଯାଇଛି । ଏଥିରେ ୪୩ଟି ସୂକ୍ତ ବା ୪୨୯ଟି ମନ୍ତ୍ର ରହିଅଛି । ଗୃତ୍ସମଦ ଋଷିକୁଳର ମୁଖ୍ୟ ଋଷି 'ମହର୍ଷି **ଗୃତ୍ସମଦ ଶୌନହୋତ୍ର**' ଥିଲେ । ଗୃତ୍ସମଦ ଅଗ୍ନିଦେବ, ଓ ଗଣେଶଙ୍କର ପରମ ଭକ୍ତ ଥିଲେ, ତଥା ଇନ୍ଦ୍ରଙ୍କର ସବୁଠୁ ପ୍ରିୟ ଥିଲେ । ସେଥିପାଇଁ ତାଙ୍କ ମଣ୍ଡଳରେ ଅଗ୍ନି, ଓ ଇନ୍ଦ୍ରଙ୍କର ଅନେକ ସୂକ୍ତ ରହିଅଛି, ତଥା ଅଶ୍ୱିନ, ବ୍ରହ୍ମଣସ୍ପତି, ଆଦିତ୍ୟ, ବରୁଣ, ସବିତା, ରୁଦ୍ର, ମରୁତ, ମିତ୍ରାବରୁଣ, ଓ ବିଶ୍ୱଦେବା ଆଦି ଦେବତା ମାନଙ୍କର ସୂକ୍ତ ଓ ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ୨ଟି ଋଷିକୁଳର ମନ୍ତ୍ର ଗୁଡିକ ସ୍ଥାନ ପାଇଥିଲା । ସେ ଋଷିକୁଳ ମାନେ ହେଲେ - ଗୃତ୍ସମଦ (୩୯ ସୂକ୍ତ, ୩୯୮ ମନ୍ତ୍ର) ଓ ଭୃଗୁ (୪ ସୂକ୍ତ, ୩୧ ମନ୍ତ୍ର) । ଏହି ମଣ୍ଡଳରେ ମୁଖ୍ୟତଃ ତ୍ରିଷ୍ଟୁପ୍, ଜଗତୀ, ଅନୁଷ୍ଟୁପ୍ ଓ ଗାୟତ୍ରୀ ଛନ୍ଦ ଗୁଡିକ ବ୍ୟବହାର କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ସୂକ୍ତ ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୨.୧୨ | ସଜନୀୟ-ସୂକ୍ତ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ଯୋ ଜାତ ଏବ ପ୍ରଥମୋ... |
| ୨.୨୩.୧ | ବ୍ରହ୍ମଣସ୍ପତି-ଗଣେଶ | ଗଣେଶ | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ଗଣାନାଂ ତ୍ୱା ଗଣପତିଂ... |
| ୨.୪୨ | କପିଞ୍ଜଲରୁପୀନ୍ଦ୍ରଃ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | କନିକ୍ରଦଜ୍ଜନୁଷଂ ପ୍ରବ୍ରୁବାଣ... |
| ୨.୪୩ | କପିଞ୍ଜଲରୁପୀନ୍ଦ୍ରଃ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ପ୍ରଦକ୍ଷିଣିଦଭି ଗୃଣନ୍ତି... |


For personal study purpose Only, Not for Commercial use. Please contact editor – prakash@scholarshoppe.com

# ମଣ୍ଡଳ – ୩, (ପୁସ୍ତକ - ୩)

“**ମଣ୍ଡଳ-୩**” କୁ "**ବିଶ୍ୱାମିତ୍ର ମଣ୍ଡଳ**" ମଧ୍ୟ କୁହାଯାଏ । ଏହି ମଣ୍ଡଳ ବିଶ୍ୱାମିତ୍ର ଗୁରୁକୁଳକୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ ଋଷି " **ମହର୍ଷି ବିଶ୍ୱାମିତ୍ର**" ଅଟନ୍ତି । ସେ ରାଜର୍ଷିରୁ ବ୍ରହ୍ମର୍ଷି ହେଲେ, ଓ ତାଙ୍କର ମହାନତା ପାଇଁ ସେ ସପ୍ତର୍ଷି ମଣ୍ଡଳରେ ସ୍ଥାନ ପାଇଲେ । ସେ ସବିତା (ସୂର୍ଯ୍ୟ), ଅଗ୍ନି ଓ ଇନ୍ଦ୍ରଙ୍କର ବଡ ଉପାଷକ ଥିଲେ, ତଥା ତାଙ୍କର ମନ୍ତ୍ରରେ ଗୋ ମହିମାର ବର୍ଣ୍ଣନା ରହିଅଛି । ଏହି ୩ୟ ମଣ୍ଡଳରେ ସମୁଦାୟ ୬୨ ସୂକ୍ତ ବା ୬୧୭ ମନ୍ତ୍ର ଅଛି । ଏହି ମଣ୍ଡଳରେ ପ୍ରାୟ ସମସ୍ତ ସୂକ୍ତ ଗୁଡିକ ବିଶ୍ୱାମିତ୍ରଙ୍କ (୬୦ ସୂକ୍ତ, ୫୮୮ ମନ୍ତ୍ର) ଦ୍ୱାରା, ଓ ଆଙ୍ଗିରସ,ଭୃଗୁ, ବିଶ୍ୱାମିତ୍ର (୨ ସୂକ୍ତ, ୨୯ ମନ୍ତ୍ର) ଦ୍ୱରା ରଚନା କରାଯାଇଛି । ତାଙ୍କ ମଣ୍ଡଳରେ ଅଗ୍ନି, ଇନ୍ଦ୍ର, ଉଷା, ସବିତା, ମିତ୍ର, ଅଶ୍ୱିନ, ଋଭୁ, ପର୍ବତ ଓ ବିଶ୍ୱଦେବ ଆଦି ଦେବତା ମାନଙ୍କର ସ୍ତୁତି କରାଯାଇଛି । ଏହି ମଣ୍ଡଳରେ ମୁଖ୍ୟତଃ ତ୍ରିଷ୍ଟୁପ୍, ଜଗତୀ, ଅନୁଷ୍ଟୁପ୍, ଗାୟତ୍ରୀ ଓ ବୃହତୀ ଆଦି ଛନ୍ଦ ଗୁଡିକ ବ୍ୟବହାର କରାଯାଇଛି । ମହର୍ଷି ବିଶ୍ୱାମିତ୍ର, ସବୁଠୁ ପ୍ରସିଦ୍ଧ, **ଗାୟତ୍ରୀ ମନ୍ତ୍ର**ର ରଚୟିତା ଓ ତାହା, ଏହି ୩ୟ ମଣ୍ଡଳର ଅନ୍ତର୍ଗତ ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୩.୬୨.୧୦ | ଗାୟତ୍ରୀ ମନ୍ତ୍ର | ସବିତା | ବିଶ୍ୱାମିତ୍ରଃ ଗାଧିନଃ | ତତ୍-ସବିତୁର୍ବରେଣ୍ୟଂ ଭର୍ଗୋ... |
| ୩.୮ | ଯଜ୍ଞ ସୂକ୍ତ | ବିଶ୍ୱେଦେବା | ବିଶ୍ୱାମିତ୍ରଃ ଗାଧିନଃ | ଅଞ୍ଜନ୍ତି ତ୍ୱାମଧ୍ୱରେ... |
| ୩.୪ | ଆପ୍ରି ସୂକ୍ତ | ଯାଜ୍ଞିକ | ବିଶ୍ୱାମିତ୍ରଃ ଗାଧିନଃ | ସମିତ୍ସମିତ୍ସୁମନା ବୋଧ୍ୟସ୍ମେ... |

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

# ମଣ୍ଡଳ – ୪, (ପୁସ୍ତକ - ୪)

“**ମଣ୍ଡଳ-୪**”, "**ବାମଦେବ ମଣ୍ଡଳ**" ନାମରେ ପରିଚିତ । ଏହି ମଣ୍ଡଳ, ଆଙ୍ଗିରସ ଗୁରୁକୁଳକୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ ଋଷି "ମହର୍ଷି **ବାମଦେବ**" ଅଟନ୍ତି । ସେ ଅଗ୍ନି, ଇନ୍ଦ୍ର ଓ ସବିତା ଙ୍କର ଉପାସକ ଥିଲେ । ସେ, ଏହି ୪ର୍ଥ ମଣ୍ଡଳରେ ଅଗ୍ନିଙ୍କର ଅନେକ ରୂପ ଓ କାର୍ଯ୍ୟମାନ ବର୍ଣ୍ଣନା କରିଛନ୍ତି, ତଥା ବର୍ତ୍ତାଶାସ୍ତ୍ର, କୃଷିଶାସ୍ତ୍ର ଓ ଆତ୍ମା ସଂବନ୍ଧୀୟ ସୂକ୍ତ ଗୁଡିକ ରଚନା କରିଛନ୍ତି । ଏହି ମଣ୍ଡଳରେ ୫୮ଟି ସୂକ୍ତ ବା ୫୮୯ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ସମସ୍ତ ସୂକ୍ତ ଆଙ୍ଗିରସ ଗୁରୁକୁଳ (୫୮ ସୂକ୍ତ, ୫୮୯ ମନ୍ତ୍ର) ଦ୍ୱାରା ରଚନା କରାଯାଇଛି, ସେଥିମଧ୍ୟରୁ 'ବାମଦେବ ଗୌତମ' ନିଜେ ୫୬ଟି ସୂକ୍ତ ରଚନା କରିଛନ୍ତି । ଏହି ମଣ୍ଡଳରେ ଅଗ୍ନି, ଇନ୍ଦ୍ର, ଋଭୁ, ଦଧିକ୍ରା, ବରୁଣ, ଉଷା, ଅଶ୍ୱିନ, ବାୟୁ, ବୃହସ୍ପତି, ସବିତା, ବିଶ୍ୱଦେବା, ସ୍ୱର୍ଗ-ପୃଥିବୀ, କ୍ଷେତ୍ରପତି, ଘୃତ, ଆତ୍ମା ଆଦି ଦେବତା ମାନଙ୍କର ସ୍ତୁତି କରାଯାଇଛି । ଏହି ମଣ୍ଡଳ ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଜଗତୀ ଓ ଗାୟତ୍ରୀ ଆଦି ଛନ୍ଦ ଗୁଡିକରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ସୂକ୍ତ/ମନ୍ତ୍ର | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୪.୪୦.୫ | ସୌରୀ ମନ୍ତ୍ର | ସୂର୍ଯ୍ୟଃ | ବାମଦେବଃ ଗୌତମଃ | ହଂସଃ ଶୁଚିଷଦ୍ୱସୁରନ୍ତରିକ୍ଷସଦ୍ଧୋତା... |
| ୪.୫୭ | କୃଷି ସୂକ୍ତ | କ୍ଷେତ୍ରପତିଃ | ବାମଦେବଃ ଗୌତମଃ | କ୍ଷେତ୍ରସ୍ୟ ପତିନା... |
| ୪.୫୮ | ଆଜ୍ୟ ସୂକ୍ତ | ଅଗ୍ନିସୂର୍ଯ୍ୟାବ୍-ଗୋଘୃତାନାମନ୍ୟତମଃ | ବାମଦେବଃ ଗୌତମଃ | ସମୁଦ୍ରାଦୂର୍ମିର୍ମଧୁମାଁ... |
| ୪.୫୮.୩ | ପଞ୍ଚଦେବତାପରକ | ଅଗ୍ନିସୂର୍ଯ୍ୟାବ୍-ଗୋଘୃତାନାମନ୍ୟତମଃ | ବାମଦେବଃ ଗୌତମଃ | ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ... |

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

# ମଣ୍ଡଳ – ୫, (ପୁସ୍ତକ - ୫)

“**ମଣ୍ଡଳ-୫**”, "**ଆତ୍ରେୟ ମଣ୍ଡଳ**" ନାମରେ ଜଣା । ଏହି ମଣ୍ଡଳକୁ 'ଆତ୍ରେୟ ଗୁରୁକୁଳ'କୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ "ମହର୍ଷି **ଅତ୍ରି**" ଅଟନ୍ତି । ସେ, ଇନ୍ଦ୍ର, ଅଗ୍ନି, ଓ ସବିତାଙ୍କର ଉପାସକ ଥିଲେ, ତଥା ଅଶ୍ୱିନୀକୁମାରଙ୍କର କୃପା ତାଙ୍କୁ ପ୍ରାପ୍ତ ଥିଲା । ତାଙ୍କୁ '**ପ୍ରଜାପତି**' ମଧ୍ୟ କୁହନ୍ତି । ସେ, ଏହି ମଣ୍ଡଳରେ ଇନ୍ଦ୍ର ଓ ଅଗ୍ନିଙ୍କର ସହକର୍ମୀଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି, ତଥା ମାନବ ମଙ୍ଗଳ ସକାଶେ 'ସ୍ୱସ୍ତି ସୂକ୍ତ' ଓ କଲ୍ୟାଣ ସୂକ୍ତ ଆଦି ରଚନା କରିଛନ୍ତି । ଏହି ମଣ୍ଡଳରେ ୮୭ଟି ସୁକ୍ତ ବା ୭୨୭ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳର ସମସ୍ତ ସୂକ୍ତ, ୫ଟି ଗୁରୁକୁଳ ଦ୍ୱାରା ରଚନା କରାଯାଇଛି, ସେମାନେ ହେଲେ, ଆଙ୍ଗିରସ (୩ ସୂକ୍ତ, ୧୯ ମନ୍ତ୍ର), ଅଗସ୍ତ୍ୟ (୧ ସୂକ୍ତ, ୪ ମନ୍ତ୍ର), ବିଶ୍ୱାମିତ୍ର (୨ ସୂକ୍ତ, ୧୯ମନ୍ତ୍ର), ଅତ୍ରି (୭୯ ସୂକ୍ତ, ୬୫୫ ମନ୍ତ୍ର), ବସିଷ୍ଠ (୧ ସୂକ୍ତ, ୧୫ ମନ୍ତ୍ର), ତଥା ମହର୍ଷି ଅତ୍ରି ଓ ମହର୍ଷି କଶ୍ୟପ (୧ ସୂକ୍ତ, ୧୫ ମନ୍ତ୍ର) । ଏହିସବୁ ସୂକ୍ତ ଗୁଡିକ, ଅଗ୍ନି, ଇନ୍ଦ୍ର, ସୂର୍ଯ୍ୟ, ବିଶ୍ୱଦେବା, ମରୁତ, ମିତ୍ରା-ବରୁଣ, ଅଶ୍ୱିନ, ଉଷା, ସବିତା, ପର୍ଜ୍ୟନ୍ୟ, ପୃଥିବୀ ଓ ବରୁଣ ଆଦି ଦେବତା ମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି ମଣ୍ଡଳରେ ଥିବା ମନ୍ତ୍ର ଗୁଡିକ, ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ପଙ୍କ୍ତି ଓ ଜଗତୀ, ଆଦି ଛନ୍ଦ ମାନଙ୍କରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ଛନ୍ଦ | ମନ୍ତ୍ର |
|---|---|---|---|---|---|
| ୫.୫ | ଆପ୍ରି ସୂକ୍ତ | ଯାଜ୍ଞିକ | ବସୁଶ୍ରୁତଃ ଆତ୍ରେୟଃ | ଗାୟତ୍ରୀ | ସୁସମିଦ୍ଧାୟ ଶୋଚିଷେ... |
| ୫.୪୨ | ସ୍ୱସ୍ତି ସୂକ୍ତ | ବିଶ୍ୱେ ଦେବାଃ | ଭୌମଃ ଅତ୍ରିଃ | ତ୍ରିଷ୍ଟୁପ୍ | ତମୁ ଷ୍ଟୁହି ଯଃ ସ୍ୱିଷୁଃ... |
| ୫.୮୨ | କଲ୍ୟାଣ ସୂକ୍ତ | ସବିତା | ଶ୍ୟାବାଶ୍ୱଃ ଆତ୍ରେୟଃ | ଗାୟତ୍ରୀ | ତତ୍ସବିତୁର୍ବୃଣୀମହେ ବୟଂ... |


For personal study purpose Only, Not for Commercial use. Please contact editor – prakash@scholarshoppe.com
Not for Commercial Use

# ମଣ୍ଡଳ – ୬, (ପୁସ୍ତକ - ୬)

"**ମଣ୍ଡଳ-୬**", "**ଭରଦ୍ୱାଜ ମଣ୍ଡଳ**" ନାମରେ ଜଣା । ଏହି ମଣ୍ଡଳ ଆଙ୍ଗିରସ ଗୁରୁକୁଳର ମହର୍ଷି ଭରଦ୍ୱାଜଙ୍କୁ ସମର୍ପିତ କରାଯାଇଛି । ମହର୍ଷି **ଭରଦ୍ୱାଜ** ଜଣେ ଦୀର୍ଘଜୀବୀ ଋଷି ଥିଲେ । ସେ, ଅନେକ ବିଦ୍ୟାର ଅଧିକାରୀ ଥିଲେ । ସେ, ଇନ୍ଦ୍ରଙ୍କ ଠାରୁ ବ୍ୟାକରଣ ଓ ଆୟୁର୍ବେଦ, ମହର୍ଷି ଭୃଗୁଙ୍କ ଠାରୁ ଧର୍ମଶାସ୍ତ୍ର ଶିକ୍ଷା କରିଥିଲେ, ତଥା ଶିକ୍ଷାଶାସ୍ତ୍ର, ଅର୍ଥଶାସ୍ତ୍ର, ଧନୁର୍ବେଦ, ଓ ଭୌତିକ ବିଜ୍ଞାନ ଆଦି ଅନେକ ବିଦ୍ୟାର ଅଧିକାରୀ ଥିଲେ । ତାଙ୍କର ଏହିସବୁ ବିଦ୍ୟା ପରସମୟରେ ଅନେକ ବେଦ ଓ ଶାସ୍ତ୍ର ରଚନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ପଣ କରିଥିଲା । 'ଋକ୍ ବେଦ'ରେ ତାଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ, ଇନ୍ଦ୍ର, ଅଗ୍ନି, ଓ ସରସ୍ୱତୀଙ୍କର ଉପାସକ ଥିଲେ । ସେ 'ଋକ୍ ବେଦ'ରେ ମାନବ ଅନ୍ତର୍ସ୍ଥିତ ଅଗ୍ନିର ମହତ୍ୱ, ବାଚ୍ୟ ଓ ଜ୍ଞାନର ପ୍ରକୃତ ବ୍ୟବହାର, ସରସ୍ୱତୀଙ୍କ ସ୍ତୁତି, ଯୁଦ୍ଧଶସ୍ତ୍ର ଓ ଆତ୍ମରକ୍ଷା ଇତ୍ୟାଦି ଅନେକ ଉପଦେଶ ଓ ସ୍ତୁତି ରଚନା କରିଛନ୍ତି । ଏହି ମଣ୍ଡଳରେ ୭୫ଟି ସୂକ୍ତ ବା ୭୬୫ଟି ମନ୍ତ୍ର ରହିଅଛି । ଏ ସମସ୍ତ ମନ୍ତ୍ର ଆଙ୍ଗିରସ ଗୁରୁକୁଳ ଦ୍ୱାରା ରଚନା କରାଯାଇଛି, ସେଥିରୁ ୫୬ଟି ସୂକ୍ତ ଭରଦ୍ୱାଜଙ୍କ ଦ୍ୱାର ଓ ବାକି ତାଙ୍କ ପରିବାର ଓ ଶିଷ୍ୟଙ୍କ ଦ୍ୱାରା ରଚନା କରାଯାଇଛି । ଏ ସମସ୍ତ ସୂକ୍ତ ଗୁଡିକ ଅଗ୍ନି, ଇନ୍ଦ୍ର, ଗୋ, ବିଶ୍ୱଦେବା, ଅଶ୍ୱିନ, ପୂଷା, ସରସ୍ୱତୀ, ଉଷା, ମିତ୍ର-ବରୁଣ, ମରୁତ, ବିଷ୍ଣୁ, ସବିତା, ଦ୍ୱାବାପୃଥିବୀ, ରୁଦ୍ର, ବୃହସ୍ପତି ଆଦି ଦେବତାଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏ ସମସ୍ତ ସୂକ୍ତ ଗୁଡିକ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ଜଗତୀ, ବୃହତୀ ଓ ଉଷ୍ଣିକ୍ ଆଦି ଛନ୍ଦରେ ରଚନା କରାଯାଇଛି । ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

Not for Commercial Use

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୬.୯.୪ | ଅନ୍ତଃଅଗ୍ନି ମନ୍ତ୍ର | ବୈଶ୍ୱାନରଃ ଅଗ୍ନିଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଅୟଂ ହୋତା ପ୍ରଥମଃ... |
| ୬.୧୪.୨ | ଅନ୍ତଃଅଗ୍ନି ମନ୍ତ୍ର | ଅଗ୍ନିଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଅଗ୍ନିରିଦ୍ଧି ପ୍ରଚେତା... |
| ୬.୨୮ | ଗୋ ସୂକ୍ତ | ଗାବଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଆ ଗାବୋ ଅଗ୍ମନ୍ନୁତ... |
| ୬.୬୨ | ସରସ୍ୱତୀ ସୂକ୍ତ | ସରସ୍ୱତୀ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ସ୍ତୁଷେ ନରା ଦିବୋ ଅସ୍ୟ... |
| ୬.୭୫ | ଯୁଦ୍ଧଶସ୍ତ୍ର ସୂକ୍ତ | ଯୁଦ୍ଧଶସ୍ତ୍ର | ପାୟୁଃ ଭାରଦ୍ୱାଜଃ | ଜୀମୂତସ୍ୟେବ ଭବତି ପ୍ରତୀକଂ... |

# ମଣ୍ଡଳ – ୭, (ପୁସ୍ତକ - ୭)

"**ମଣ୍ଡଳ-୭**", "**ବସିଷ୍ଠ ମଣ୍ଡଳ**" ନାମରେ ମଧ୍ୟ ପରିଚିତ । ଏହି ମଣ୍ଡଳ 'ବସିଷ୍ଠ ଗୁରୁକୁଳ'କୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ 'ମହର୍ଷି **ବସିଷ୍ଠ**' ଅଟନ୍ତି । ସେ ତାଙ୍କର ସାଧନା, ନିଷ୍ଠା ଓ ବିଚାର ପାଇଁ ପ୍ରସିଦ୍ଧ । 'ଋକ୍ ବେଦ'ରେ ତାଙ୍କର ବିଚାର ଓ ଉପଦେଶ, ତାଙ୍କର ରଚନାରୁ ମିଳିଥାଏ । ତାଙ୍କ ବିଚାରରେ, ତୁଳନାତ୍ମକକୁ ଗୁରୁତ୍ୱ ଦେବା ଅପେକ୍ଷା ଗୁଣାତ୍ମକକୁ ଗୁରୁତ୍ୱ ଦେବା ଆବଶ୍ୟକ, ଇନ୍ଦ୍ର ଓ ବରୁଣ ଉଭୟଙ୍କର ପରିପୂରକ, କେହି ବଡ ନୁହନ୍ତି, ସମସ୍ତେ ତାଙ୍କର ଗୁଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ବଡ ଅଟନ୍ତି । 'ଋକ୍ ବେଦ'ରେ ତାଙ୍କ ରଚନା ଗୁଡିକ, ଅତ୍ୟନ୍ତ ପ୍ରେରଣା ଦାୟକ ଓ ଦର୍ଶନତତ୍ୱର ପରିଚୟ ଦିଏ, ତାଙ୍କ ମତରେ ମାନବ ନିଜର ଅର୍ଥ ବୁଝିବା ଅତ୍ୟନ୍ତ ଆବଶ୍ୟକ ଓ ସେହି ଅନୁସାରେ କର୍ମ, ଓ ଧର୍ମ କରିବା ଦରକାର, ତଥା ନିଜର ପ୍ରତିଭା ଅନ୍ୟମାନଙ୍କ ସହିତ ଆଦାନ ପ୍ରଦାନ କରି ସମାଜର ମଙ୍ଗଳ କରିବା ଦରକାର । ତାଙ୍କ ପାଖରେ 'କାମଧେନୁ' ଓ 'ନନ୍ଦିନୀ' ନାମକ ଗୋ ମାତା ଥିଲେ, ଯାହାକୁ ସେ ତାଙ୍କର ସନ୍ତାନ ମାନୁଥିଲେ, ଏଥିରୁ ଜଣାପଡେ ସେ ଗୋ ମହିମାକୁ କେତେ ଗୁରୁତ୍ୱ ଦେଉଥିଲେ । ସେ, ସୂର୍ଯ୍ୟ କାହିଁକି ବରେଣ୍ୟ, ନଦୀର ମହାତ୍ମ୍ୟ, ଜଳର ମହାତ୍ମ୍ୟ, ରୁଦ୍ର ଓ ବିଷ୍ଣୁଙ୍କ ମହାତ୍ମ୍ୟ ଆଦି ଅନେକ ବିଷୟରେ 'ଋକ୍ ବେଦ'ରେ ରଚନା କରିଛନ୍ତି । ସେ ଅତି ପ୍ରସିଦ୍ଧ "**ମହାମୃତ୍ୟୁଞ୍ଜୟ ମନ୍ତ୍ର**" ରଚନା କରିଥିଲେ । ସେ, "ଯୋଗ ବସିଷ୍ଠ", "ବସିଷ୍ଠ ଧର୍ମସୂତ୍ର", "ବସିଷ୍ଠ ସଂହିତା" ଆଦି ଅନେକ ଶାସ୍ତ୍ର ରଚନା କରିଥିଲେ, ଯାହା ପର ସମୟରେ 'ଯୋଗସୂତ୍ର', ଓ 'ବେଦାନ୍ତ' ଆଦି ରଚନା କରିବାପାଇଁ ପ୍ରେରଣା କରିଥିଲା । ସେ, ଅଗ୍ନି, ସୂର୍ଯ୍ୟ, ଇନ୍ଦ୍ର, ରୁଦ୍ର ଓ ବିଷ୍ଣୁ ଙ୍କର ଉପାସକ ଥିଲେ । ଏହି ମଣ୍ଡଳରେ ୧୦୪ଟି ସୂକ୍ତ ବା ୮୪୧ଟି ମନ୍ତ୍ର ରହିଅଛି । ଏହି ସୂକ୍ତ ଗୁଡିକ ବସିଷ୍ଠ ଗୁରୁକୁଳ (୧୦୨ ସୂକ୍ତ, ୮୩୨ ମନ୍ତ୍ର) ଦ୍ୱାରା ତଥା ଆଙ୍ଗିରସ ଓ ବସିଷ୍ଠ (୨ ସୂକ୍ତ, ୯ ମନ୍ତ୍ର) ଦ୍ୱାରା ରଚନା କରାଯାଇଥିଲା । ଏ ସମସ୍ତ ସୂକ୍ତ ଗୁଡିକ, ଅଗ୍ନି, ଇନ୍ଦ୍ର, ବିଶ୍ୱଦେବା, ମରୁତ, ମିତ୍ରା-ବରୁଣ, ଅଶ୍ୱିନ, ଉଷା, ଇନ୍ଦ୍ର-ବରୁଣ, ବାୟୁ, ସରସ୍ୱତୀ, ରୁଦ୍ର, ଆପଃ, ଆଦିତ୍ୟ, ବିଷ୍ଣୁ, ବୃହସ୍ପତି, ସବିତା, ଭଗ, ଦଧିକ୍ରା, ଋଭୁ, ଦ୍ୟାବାପୃଥିବୀ, ପର୍ଜନ୍ୟ ଆଦି ଦେବତା ମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି


For personal study purpose Only, Not for Commercial use. Please contact editor – prakash@scholarshoppe.com

ସମସ୍ତ ସୂକ୍ତ ଗୁଡିକ ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ଜଗତୀ, ବୃହତୀ ଆଦି ଛନ୍ଦରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୭.୨ | ଆପ୍ରି ସୂକ୍ତ | ଯାଜ୍ଞିକ | ବସିଷ୍ଠଃ ମୈତ୍ରାବରୁଣିଃ | ଜୁଷସ୍ୱ ନଃ ସମିଧମଗ୍ନେ... |
| ୭.୪୬ | ରୁଦ୍ର ସୂକ୍ତ | ରୁଦ୍ରଃ | ବସିଷ୍ଠଃ ମୈତ୍ରାବରୁଣିଃ | ଇମା ରୁଦ୍ରାୟ ସ୍ଥିରଧନ୍ୱନେ... |
| ୭.୫୯.୧୨ | ମହାମୃତ୍ୟୁଞ୍ଜୟ ମନ୍ତ୍ର | ରୁଦ୍ରଃ | ବସିଷ୍ଠଃ ମୈତ୍ରାବରୁଣିଃ | ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ... |
| ୭.୬୦.୧ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଯଦଦ୍ୟ ସୂର୍ଯ୍ୟ ବ୍ରବୋଽନାଗା... |
| ୭.୬୨.୧-୩ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଉତ୍-ସୂର୍ଯ୍ୟୋ ବୃହଦର୍ଚୀଂଷ୍ୟଶ୍ରେତ୍-ପୁରୁ... |
| ୭.୬୬.୧୪-୧୬ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଯଦୀମାଶୁର୍ବହତି ଦେବ ଏତଶୋ... |
| ୭.୧୦୦ | ବିଷ୍ଣୁ ସୂକ୍ତ | ବିଷ୍ଣୁଃ | ବସିଷ୍ଠଃ ମୈତ୍ରାବରୁଣିଃ | ନୂ ମର୍ତୋ ଦୟତେ ସନିଷ୍ୟନ୍ୟୋ... |
| ୭.୧୦୩ | ମଣ୍ଡୂକ ସୂକ୍ତ | ମଣ୍ଡୂକାଃ | ବସିଷ୍ଠଃ ମୈତ୍ରାବରୁଣିଃ | ସଂବତ୍ସରଂ ଶଶୟାନା... |

## ମଣ୍ଡଳ – ୮, (ପୁସ୍ତକ - ୮)

“**ମଣ୍ଡଳ-୮**”, ଏଥିରେ 'କଣ୍ୱ ଋଷିକୁଳ'ଙ୍କର ଅଧିକାଂଶ ମନ୍ତ୍ର ଥିବାରୁ, ଏହା "**କଣ୍ୱ ମଣ୍ଡଳ**" ନାମରେ ପରିଚିତ । 'କଣ୍ୱ ଋଷିକୁଳ'ର ମୁଖ୍ୟ **ମହର୍ଷି କଣ୍ୱ**, ଜଣେ ଅତିଥି ପ୍ରିୟ ଓ ଯାଜ୍ଞିକ ଋଷି ଭାବରେ ବିଖ୍ୟାତ ଥିଲେ । ସେ, ଇନ୍ଦ୍ରଙ୍କର ଭକ୍ତ ଥିଲେ, ତଥା ତାଙ୍କୁ ଅଶ୍ୱିନଙ୍କର କୃପା ପ୍ରାପ୍ତ ଥିଲା । 'ଋକ୍ ବେଦ'ରେ ତାଙ୍କର ଅନେକ ସୂକ୍ତ ଓ ମନ୍ତ୍ର, ଲୌକିକ ଜ୍ଞାନ-ବିଜ୍ଞାନ, ଓ ଅନିଷ୍ଟ ନିବାରଣ ବିଷୟରେ ରଚିତ ହୋଇଛି । ସେ, ଗୋ ମହିମାର ଉପଦେଶ ଓ ପୂଜା ବିଷୟରେ ଏହି ମଣ୍ଡଳରେ ରଚନା କରିଛନ୍ତି ।  ଏହି ମଣ୍ଡଳରେ ୧୦୩ଟି ସୂକ୍ତ, ବା ୧୭୧୬ଟି ମନ୍ତ୍ର ରହିଅଛି । ଏଥି ମଧ୍ୟରୁ ୧୧ଟି ସୂକ୍ତ (୮.୪୯ - ୫୯) ବାଲଖିଲ୍ୟ ସୂକ୍ତ ନାମରେ ପରିଚିତ ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ଏହି ମଣ୍ଡଳର ସୂକ୍ତ ଗୁଡିକ ୬ଟି ଋଷିକୁଳ ଦ୍ୱାରା ରଚନା କରାଯାଇଛି, ଯଥା, କଣ୍ୱ (୫୫ ସୂକ୍ତ, ୯୯୩ ମନ୍ତ୍ର), ଆଙ୍ଗିରସ (୨୫ ସୂକ୍ତ, ୪୬୦ ମନ୍ତ୍ର), ଅଗସ୍ତ୍ୟ (୧ ସୂକ୍ତ, ୨୧ ମନ୍ତ୍ର), ଅତ୍ରି (୭ ସୂକ୍ତ, ୮୮ ମନ୍ତ୍ର), କଶ୍ୟପ (୬ ସୂକ୍ତ, ୭୪ ମନ୍ତ୍ର), ଭୃଗୁ (୪ ସୂକ୍ତ, ୪୬ ମନ୍ତ୍ର), ତଥା ମିଶ୍ରିତ (୪ ସୂକ୍ତ, ୭୬ ମନ୍ତ୍ର) । ଏହି ସୂକ୍ତ ଗୁଡିକ ଇନ୍ଦ୍ର, ଅଗ୍ନି, ଅଶ୍ୱିନ, ମରୁତ, ଆଦିତ୍ୟ, ବରୁଣ, ମିତ୍ର-ବରୁଣ, ବିଶ୍ୱଦେବା, ଆଦି ଦେବତା ମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି ସୂକ୍ତର ମନ୍ତ୍ର ଗୁଡିକ ତ୍ରିଷ୍ଟୁପ୍, ବୃହତୀ, ଅନୁଷ୍ଟୁପ୍, ଗାୟତ୍ରୀ, ଉଷ୍ଣିକ୍, ଓ ଜଗତୀ ଆଦି ଛନ୍ଦରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୮.୬୧.୧୩ | ଦୁଃସ୍ୱପ୍ନ ନିବାରଣ ମନ୍ତ୍ର | ଇନ୍ଦ୍ରଃ | ଭର୍ଗଃ ପ୍ରାଗାଥଃ | ଯତ ଇନ୍ଦ୍ର ଭୟାମହେ... |
| ୮.୯୭.୪ | କପୋଳଶକ୍ତି ମନ୍ତ୍ର | ଇନ୍ଦ୍ରଃ | ରେଭଃ କାଶ୍ୟପଃ | ଯଚ୍ଛକ୍ରାସି ପରାବତି... |
| ୮.୧୦୦ | ଇନ୍ଦ୍ର-ବାକ୍ ସୂକ୍ତ | ଇନ୍ଦ୍ରଃ | ନେମଃ ଭାର୍ଗବଃ | ଅୟଂ ତ ଏମି ତନ୍ୱା... |
| ୮.୧୦୧.୧୫-୧୬ | ଗୋ ମହିମା ମନ୍ତ୍ର | ଗୌଃ | ଜମଦଗ୍ନିଃ ଭାର୍ଗବଃ | ମାତା ରୁଦ୍ରାଣାଂ ଦୁହିତା ବସୂନାଂ... |

## ମଣ୍ଡଳ – ୯, (ପୁସ୍ତକ - ୯)

"**ମଣ୍ଡଳ-୯**", "**ସୋମ ମଣ୍ଡଳ**" ନାମରେ ମଧ୍ୟ ଜଣା । ଏହି ମଣ୍ଡଳରେ କେବଳ 'ସୋମ ସୂକ୍ତ' ଗୁଡିକ ଅଛି । ଏହି 'ସୋମ ସୂକ୍ତ' ଗୁଡିକ ୩ ପ୍ରକାରରେ ବ୍ୟବହାର କରାଯାଇଥାଏ, ଯଥା, ୧). ସୋମ ଲତା ବା ଗଛ ବା ଦ୍ରବ୍ୟାଦି ର ଚରିତ୍ର ବା ଲକ୍ଷଣ ଗୁଡିକ, ୨). କିପରି 'ସୋମ ରସ' ବାହାର କରାଯାଏ, ତା'ର ପଦ୍ଧତି ଓ ୩). 'ସୋମଯଜ୍ଞ'ରେ ବ୍ୟବହାର ହୋଉଥିବା ସୂକ୍ତ ବା ମନ୍ତ୍ର ଗୁଡିକ । ଏହି ମଣ୍ଡଳରେ ୧୧୪ଟି ସୂକ୍ତ, ବା ୧୧୦୮ଟି ମନ୍ତ୍ର ରହିଅଛି । ଏହି ସୂକ୍ତର ମନ୍ତ୍ର ଗୁଡିକ ୯ଟି ଗୁରୁକୁଳ ଦ୍ୱରା ରଚନା କରାଯାଇଛି, ଯଥା, କଣ୍ୱ (୮ ସୂକ୍ତ, ୫୦ ମନ୍ତ୍ର), ଆଙ୍ଗିରସ

Not for Commercial Use

(୩୦ ସୂକ୍ତ, ୨୧୭ ମନ୍ତ୍ର), ଅଗସ୍ତ୍ୟ (୨ ସୂକ୍ତ, ୧୨ ମନ୍ତ୍ର), ବିଶ୍ୱାମିତ୍ର (୫ ସୂକ୍ତ, ୪୪ ମନ୍ତ୍ର), ଅତ୍ରି (୨ ସୂକ୍ତ, ୧୬ ମନ୍ତ୍ର), ବସିଷ୍ଠ (୧ ସୂକ୍ତ, ୬ ମନ୍ତ୍ର), କଶ୍ୟପ (୩୬ ସୂକ୍ତ, ୩୦୦ ମନ୍ତ୍ର), ଭରତ (୨ ସୂକ୍ତ, ୨୭ ମନ୍ତ୍ର), ଭୃଗୁ (୧୪ ସୂକ୍ତ, ୧୩୬ ମନ୍ତ୍ର), ତଥା ମିଶ୍ରିତ ଋଷିଗଣ (୬ ସୂକ୍ତ, ୧୯୬ ମନ୍ତ୍ର) । ଏହି ମଣ୍ଡଳର ମନ୍ତ୍ର ଗୁଡିକ ମୁଖ୍ୟତଃ, ଗାୟତ୍ରୀ, ଜଗତୀ, ତ୍ରିଷ୍ଟୁପ୍, ଅନୁଷ୍ଟୁପ୍ ଓ ଉଷ୍ଣିକ୍ ଆଦି ଛନ୍ଦରେ ରଚନା କରାଯାଇଛି । ଏହି ମଣ୍ଡଳରେ ଥିବା ସୂକ୍ତ ମାନଙ୍କ ମଧ୍ୟରୁ ୯.୫ ସୂକ୍ତ "ଆପ୍ରି ସୂକ୍ତ" ଓ ଏହା ଯାଜ୍ଞିକ ଅଟେ ।

## ମଣ୍ଡଳ – ୧୦, (ପୁସ୍ତକ - ୧୦)

**'ମଣ୍ଡଳ-୧୦'**ରେ, ଯେଉଁ ସୂକ୍ତ ଗୁଡିକ ୧ମ ରୁ ୯ମ ମଣ୍ଡଳ ପାଇଁ ଯୋଗ୍ୟ ବିବେଚିତ ହୋଇପାରୁ ନଥିଲା, ସେ ସବୁ ଏହି ମଣ୍ଡଳରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ମଣ୍ଡଳର ବିଷୟବସ୍ତୁ ଅନେକ ପ୍ରକାରର, ଯଥା ପୌରାଣିକ, ଆଧ୍ୟାତ୍ମିକ, ଦର୍ଶନିକ, ସାମାଜିକ, ବିଶ୍ୱ ନିର୍ମାଣ, ରକ୍ଷା, ଜ୍ଞାନ, ଦାନ, ଧର୍ମ ଓ ନୀତି ଇତ୍ୟାଦି ବିଷୟରେ ରଚନା କରାଯାଇଛି । ଏହି ମଣ୍ଡଳରେ ୧୯୧ ସୂକ୍ତ ବା ୧୭୫୪ ମନ୍ତ୍ର ରହିଅଛି । ଏହି ସୁକ୍ତର ମନ୍ତ୍ର ଗୁଡିକ ୯ଟି ଋଷିକୁଳ ଓ ଅନେକ ଅନ୍ୟ ଋଷିଗଣ ଙ୍କ ଦ୍ୱାରା ରଚନା କରାଯାଇଛି । ସେମାନେ ହେଲେ, କଣ୍ୱ (୧ ସୂକ୍ତ, ୯ ମନ୍ତ୍ର), ଆଙ୍ଗିରସ (୫୮ ସୂକ୍ତ, ୪୮୫ ମନ୍ତ୍ର), ଅଗସ୍ତ୍ୟ (୪ ସୂକ୍ତ, ୪୦ମନ୍ତ୍ର), ବିଶ୍ୱାମିତ୍ର (୧୨ ସୂକ୍ତ, ୯୧ ମନ୍ତ୍ର), ଅତ୍ରି (୮ ସୂକ୍ତ, ୧୧୨ ମନ୍ତ୍ର), ବସିଷ୍ଠ (୨୬ ସୂକ୍ତ, ୨୭୬ ମନ୍ତ୍ର), କଶ୍ୟପ (୩ ସୂକ୍ତ, ୨୪ ମନ୍ତ୍ର), ଭରତ (୪ ସୂକ୍ତ, ୪୨ ମନ୍ତ୍ର), ଭୃଗୁ (୨୪ ସୂକ୍ତ, ୨୫୫ ମନ୍ତ୍ର), ତଥା ମିଶ୍ରିତ ଋଷିଗଣ (୭ ସୂକ୍ତ, ୪୪ ମନ୍ତ୍ର), ଓ ଅଜ୍ଞାତ ଋଷିଗଣ (୪୪ସୂକ୍ତ, ୩୭୧ ମନ୍ତ୍ର) । ଏହି ସୂକ୍ତର ମନ୍ତ୍ର ଗୁଡିକ ମୁଖ୍ୟତଃ ଇନ୍ଦ୍ର, ଅଗ୍ନି, ସୁର୍ଯ୍ୟ, ସବିତା, ଉଷା, ପ୍ରଜାପତି, ଓ ଆପଃ ଇତ୍ୟାଦି ଦେବତା, ତଥା ଅନେକ ଅଦେବତା ମାନଙ୍କର ସୁତି କରାଯାଇଛି । ଏହି ସୂକ୍ତର ମନ୍ତ୍ର ଗୁଡିକ ସମସ୍ତ ୧୩ଟି ମୁଖ୍ୟ ଛନ୍ଦରେ ରଚନା କରାଯାଇଛି । ଏହି ମଣ୍ଡଳରେ ଅନେକ ସୂକ୍ତ ବା ମନ୍ତ୍ର ଗୁଡିକ ଅନେକ ପ୍ରସିଦ୍ଧ ଓ ଏବେ ମଧ୍ୟ ଏହାର ବ୍ୟବହାର ହୋଇଆସୁଅଛି ।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ଗୁଡିକର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୧୦.୧୦ | ଯମ-ଯମୀ ଉକ୍ତି | ଯମଃ ଯମୀ | ବୈବସ୍ୱତୀ ଯମୀ ଯମଃ ବୈବସ୍ୱତୋ | ଓ ଚିତ୍ସଖାୟଂ ସଖ୍ୟା... |
| ୧୦.୧୩ | ହବିର୍ଧାନ ସୂକ୍ତ | ହବିର୍ଧାନେ | ବିବସ୍ୱାନ୍ ଆଦିତ୍ୟଃ | ଯୁଜେ ବାଂ ବ୍ରହ୍ମ... |
| ୧୦.୧୫ | ପିତୃ ଯଜ୍ଞ ସୂକ୍ତ | ପିତରଃ | ଶଙ୍ଖଃ ଯାମାୟନଃ | ଉଦୀରତାମବର ଉତ୍ପରାସ... |
| ୧୦.୧୮ | ପିତୃ ଯଜ୍ଞ ସୂକ୍ତ | ପିତୃମେଧଃ | ସଂକୁସୁକଃ ଯାମାୟନଃ | ପରଂ ମୃତ୍ୟୋ ଅନୁ... |
| ୧୦.୩୭ | ସୂର୍ଯ୍ୟ ସୂକ୍ତ | ସୂର୍ଯ୍ୟଃ | ଅଭିତପାଃ ସୌର୍ଯ୍ୟଃ | ନମୋ ମିତ୍ରସ୍ୟ ବରୁଣସ୍ୟ... |
| ୧୦.୪୭ | ଇନ୍ଦ୍ର ବୈକୁଣ୍ଠ | ବୈକୁଣ୍ଠଃ ଇନ୍ଦ୍ରଃ | ସପ୍ତଗୁଃ ଆଙ୍ଗିରସଃ | ଜଗୃଭ୍ମା ତେ ଦକ୍ଷିଣମିନ୍ଦ୍ର... |
| ୧୦.୪୮ | ଇନ୍ଦ୍ର ବୈକୁଣ୍ଠ | ଇନ୍ଦ୍ରଃ | ବୈକୁଣ୍ଠଃ ଇନ୍ଦ୍ରଃ | ଅହଂ ଭୁବଂ ବସୁନଃ... |
| ୧୦.୫୯ | ଯାଜ୍ଞିକ | ଯାଜ୍ଞିକ | ବନ୍ଧୁଃ ଶ୍ରୁତବନ୍ଧୁଃ | ପ୍ର ତାର୍ଯ୍ୟାୟୁଃ ପ୍ରତରଂ... |
| ୧୦.୬୦.୭-୧୧ | ଜୀବ ମନ୍ତ୍ର | ଜୀବଃ | ବିପ୍ରବନ୍ଧୁଃ ଗୌପାୟନାଃ | ଅୟଂ ମାତାୟଂ ପିତାୟଂ... |
| ୧୦.୭୦ | ଯାଜ୍ଞିକ | ଯାଜ୍ଞିକ | ସୁମିତ୍ରଃ ବାଧ୍ର୍ୟଶ୍ୱଃ | ଇମାଂ ମେ ଅଗ୍ନେ ସମିଧଂ... |
| ୧୦.୭୧ | ଜ୍ଞାନ ସୂକ୍ତ | ଜ୍ଞାନମ୍ | ବୃହସ୍ପତିଃ ଆଙ୍ଗିରସଃ | ବୃହସ୍ପତେ ପ୍ରଥମଂ ବାଚୋ... |
| ୧୦.୭୫ | ନଦୀ ସୂକ୍ତ | ନଦ୍ୟଃ | ସିନ୍ଧୁକ୍ଷିତ୍ ପ୍ରୈୟମେଧଃ | ପ୍ର ସୁ ବ ଆପୋ... |
| ୧୦.୮୧-୮୨ | ବିଶ୍ୱକର୍ମା ସୂକ୍ତ | ବିଶ୍ୱକର୍ମା | ବିଶ୍ୱକର୍ମା ଭୌବନଃ | ୟ ଇମା ବିଶ୍ୱା ଭୁବନାନି... |
| ୧୦.୮୩ | ମନ୍ୟୁ ସୂକ୍ତ | ମନ୍ୟୁଃ | ମନ୍ୟୁଃ ତାପସଃ | ୟସ୍ତେ ମନ୍ୟୋଃବିଧଦ୍ୱଜ୍ର... |
| ୧୦.୮୫ | ବିବାହ ସୂକ୍ତ | ସୂର୍ଯ୍ୟଃ | ସାବିତ୍ରୀ ସୂର୍ଯ୍ୟା | ସତ୍ୟେନୋତ୍ତଭିତା ଭୂମିଃ... |
| ୧୦.୯୦ | ପୁରୁଷ ସୂକ୍ତ | ପୁରୁଷଃ | ନାରାୟଣଃ | ସହସ୍ରଶୀର୍ଷା ପୁରୁଷଃ... |
| ୧୦.୯୬ | ହରି ସୂକ୍ତ | ହରିଃ | ବରୁଃ ଆଙ୍ଗିରସଃ | ପ୍ର ତେ ମହେ ବିଦଥେ... |
| ୧୦.୯୭ | ଔଷଧି ସୂକ୍ତ | ଔଷଧୟଃ | ଆଥର୍ବଣଃ ଭିଷକ୍ | ୟା ଓଷଧୀଃ ପୂର୍ବା ଜାତା... |
| ୧୦.୧୦୭ | ଦକ୍ଷିଣା ସୂକ୍ତ | ଦକ୍ଷିଣା ଦକ୍ଷିଣାଦାତାରଃ | ଦିବ୍ୟଃ ଆଙ୍ଗିରସଃ ପ୍ରଜାପତ୍ୟା | ଆବିରଭୂନ୍ମହି ମାଘୋନମେଷାଂ... |
| ୧୦.୧୦୮ | ସରମା-ପଣି ଉକ୍ତି | ସରମା ପଣୟଃ | ସରମା ପଣୟଃ | କିମିଚ୍ଛନ୍ତୀ ସରମା... |
| ୧୦.୧୧୦ | ଯାଜ୍ଞିକ | ଯାଜ୍ଞିକ | ଜମଦଗ୍ନିଃ ଭାର୍ଗବଃ ରାମଃ ଜାମଦଗ୍ନ୍ୟଃ | ସମିଦ୍ଧୋ ଅଦ୍ୟ ମନୁଷୋ... |
| ୧୦.୧୧୭ | ଦାନ ସୂକ୍ତ | ଧନାନ୍ନଦାନଂ | ଭିକ୍ଷୁଃ ଆଙ୍ଗିରସଃ | ନ ବା ଉ ଦେବାଃ... |
| ୧୦.୧୨୧ | ହିରଣ୍ୟଗର୍ଭ ସୂକ୍ତ | କଃ (ପ୍ରଜାପତିଃ) | ହିରଣ୍ୟଗର୍ଭଃ ପ୍ରାଜାପତ୍ୟଃ | ହିରଣ୍ୟଗର୍ଭଃ ସମବର୍ତତାଗ୍ରେ... |
| ୧୦.୧୨୩ | ବେନ ସୂକ୍ତ | ବେନଃ | ବେନଃ ଭାର୍ଗବଃ | ଅୟଂ ବେନଶ୍ଚୋଦୟତ୍-ପୃଶ୍ନିଗର୍ଭା... |
| ୧୦.୧୨୫ | ଆତ୍ମା ସୂକ୍ତ | ଆତ୍ମା | ବାକ୍ ଆମ୍ଭୃଣୀ | ଅହଂ ରୁଦ୍ରେଭିର୍ବସୁଭିଶ୍ଚ... |
| ୧୦.୧୨୭ | ରାତ୍ରି ସୂକ୍ତ | ରାତ୍ରିଃ | କୁଶିକଃ ସୌଭରଃ ରାତ୍ରିଃ ଭାରଦ୍ୱାଜୀ | ରାତ୍ରୀ ବ୍ୟଖ୍ୟଦାୟତୀ... |
| ୧୦.୧୨୯ | ନାସଦୀୟ ସୂକ୍ତ | ଭାବବୃତ୍ତମ୍ | ପରମେଷ୍ଠି ପ୍ରଜାପତିଃ | ନାସଦାସୀନ୍ନୋ ସଦାସୀତ୍ତଦାନୀଂ... |

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

| | | | | |
|---|---|---|---|---|
| ୧୦.୧୩୦ | ନାସଦୀୟ ସୂକ୍ତ | ଭାବବୃତ୍ତମ୍ | ଯଜ୍ଞଃ ପ୍ରାଜାପତ୍ୟଃ | ଯୋ ଯଜ୍ଞୋ ବିଶ୍ୱତସ୍ତନ୍ତୁଭିସ୍ତତ... |
| ୧୦.୧୪୬ | ଅରଣ୍ୟ ସୂକ୍ତ | ଅରଣ୍ୟାନୀ | ଐରଂମଦଃ ଦେବମୁନିଃ | ଅରଣ୍ୟାନ୍ୟରଣ୍ୟାନ୍ୟସୌ ଯା... |
| ୧୦.୧୬୨ | ଗର୍ଭସଂସ୍ରାବ ସୂକ୍ତ | ଗର୍ଭସଂସ୍ରାବେପ୍ରାୟଶ୍ଚିତଂ | ରକ୍ଷୋହା ବ୍ରାହ୍ମଃ | ବ୍ରହ୍ମଣାଗ୍ନିଃ ସଂବିଦାନୋ... |
| ୧୦.୧୬୪ | ଦୁଃସ୍ୱପ୍ନ ନାଶନ ସୂକ୍ତ | ଦୁଃସ୍ୱପ୍ନନାଶନଂ | ପ୍ରଚେତାଃ ଆଙ୍ଗିରସଃ | ଅପେହି ମନସସ୍ପତେଽପ... |
| ୧୦.୧୬୯ | ଗୋ ସୂକ୍ତ | ଗାବଃ | କକ୍ଷୀବତଃ ଶବରଃ | ମୟୋଭୂର୍ବାତୋ ଅଭି ବାତୂସ୍ରା... |
| ୧୦.୧୭୩-୧୭୪ | ରାଜାଭିଷେକ ସୂକ୍ତ | ରାଜା | ଅଭିବର୍ତଃ ଆଙ୍ଗିରସଃ | ଆ ତ୍ୱାହାର୍ଷମନ୍ତରେଧି... |
| ୧୦.୧୭୭ | ମାୟାଭେଦ ସୂକ୍ତ | ମାୟାଭେଦଃ | ପତଙ୍ଗଃ ପ୍ରାଜାପତ୍ୟଃ | ପତଙ୍ଗମକ୍ତମସୁରସ୍ୟ ମାୟୟା... |
| ୧୦.୧୭୮ | ତାର୍କ୍ଷ୍ୟ ସୂକ୍ତ | ତାର୍କ୍ଷ୍ୟଃ | ଅରିଷ୍ଟନେମିଃ ତାର୍କ୍ଷ୍ୟଃ | ତ୍ୟମୂ ଷୁ ବାଜିନଂ ଦେବଜୂତଂ... |
| ୧୦.୧୮୩ | ପୁତ୍ରକାମ୍ୟ ସୂକ୍ତ | ଯଜମାନଃ | ପ୍ରଜାବାନ୍ ପ୍ରାଜାପତ୍ୟଃ | ଅପଶ୍ୟଂ ତ୍ୱା ମନସା... |

'ଋକ୍ ବେଦ' ରଚନାରେ ପ୍ରାୟ **୩୦ ଜଣ ନାରୀ ଋଷି** (ଋଷିକା) ଯୋଗଦାନ କରିଥିଲେ । ସେମାନେ ମଧ୍ୟ ମନ୍ତ୍ରଦ୍ରଷ୍ଟ୍ରୀ ଥିଲେ । ସେମାନେ ହେଲେ, ଘୋଷା କକ୍ଷିବତୀ, ଦକ୍ଷିଣା ପ୍ରଜାପତ୍ୟା, ବିଶ୍ୱବାରା ଆତ୍ରେୟୀ, ଗୋଧା ଋଷିକା, ଅପାଲା ଆତ୍ରେୟୀ, ଯମୀ ବୈବସ୍ୱତୀ, ଲୋପମୁଦ୍ରା, ରୋମଶା ସ୍ୱନୟ, ଅଦିତି ଦାକ୍ଷାୟଣୀ, ରାତ୍ରି ଭାରଦ୍ୱାଜୀ, ବସୁକ୍ରପତ୍ନୀ , ସାବିତ୍ରୀ ସୂର୍ଯ୍ୟା, ଇନ୍ଦ୍ରାଣି, ସରମା ଦେବସୁନୀ, ଊର୍ବଶୀ, ଶଶ୍ୱତୀ ଆଙ୍ଗିରସୀ, ଅଦିତି, ଜୁହୂ ବ୍ରହ୍ମଜାୟା, ତ୍ୱଷ୍ଟା ଗର୍ଭକର୍ତା, ବାକ୍ ଆମ୍ଭୃଣୀ, ଶ୍ରଦ୍ଧା କାମାୟନୀ, ଶଚୀ ପୌଲୋମୀ, ସାର୍ପରାଜ୍ଞୀ, ସିକତା ନିବାବରୀ, କାଶ୍ୟପୌ ଶିଖଣ୍ଡିନ୍ୟୌ ଅପ୍ସରସୌ, ଜରିତା ଶାର୍ଙ୍ଗ, ସୁଦୀତିପୁରୁମିଳ୍ହୀ ଆଙ୍ଗିରସୌ, ଦେବଜାମୟଃ ଇନ୍ଦ୍ରମାତରୋ, ଇତ୍ୟାଦି ଅନେକ ।


For personal study purpose Only, Not for Commercial use. Please contact editor – prakash@scholarshoppe.com

Not for Commercial Use

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଋକ୍ ବେଦ

Rig Veda

## ଦ୍ୱିତୀୟ ମଣ୍ଡଳମ୍

2nd Mandalam


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ** (Proofreading by)

ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ଶ୍ରୀ ନିଳାଦ୍ରି ବିହାରୀ ସତପଥୀ

ଓଁ ଶ୍ରୀ ଗଣେଶାୟ ନମଃ

# ଋକ୍ ବେଦ

## [ ଅଥଃ ଦ୍ୱିତୀୟଂ ମଣ୍ଡଲମ୍ ]

## । ଅଥଃ ଦ୍ୱିତୀୟାଷ୍ଟକଃ ।

## (ପଞ୍ଚମୋଽଧ୍ୟାୟଃ ।। ବର୍ଗାଃ ୧-୨୯)

==========================================================

(୨।୧) ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ଜଗତୀ, ଦେବତା - ଅଗ୍ନିଃ

==========================================================

ତ୍ୱମଗ୍ନେ ଦ୍ୟୁଭିସ୍ତ୍ୱମାଶୁଶୁକ୍ଷଣିସ୍ତ୍ୱମଦ୍-ଭ୍ୟସ୍ତ୍ୱମଶ୍ମନସ୍ପରି ।
ତ୍ୱଂ ବନେଭ୍ୟସ୍ତ୍ୱମୋଷଧୀଭ୍ୟସ୍ତ୍ୱଂ ନୃଣାଂ ନୃପତେ ଜାୟସେ ଶୁଚିଃ ।।୧।।
ତବାଗ୍ନେ ହୋତ୍ରଂ ତବ ପୋତ୍ରମୃତ୍ୱିୟଂ ତବ ନେଷ୍ଟ୍ରଂ ତ୍ୱମଗ୍ନିଦୃତାୟତଃ ।
ତବ ପ୍ରଶାସ୍ତ୍ରଂ ତ୍ୱମଧ୍ୱରୀୟସି ବ୍ରହ୍ମା ଚାସି ଗୃହପତିଶ୍ଚ ନୋ ଦମେ ।।୨।।
ତ୍ୱମଗ୍ନ ଇନ୍ଦ୍ରୋ ବୃଷଭଃ ସତାମସି ତ୍ୱଂ ବିଷ୍ଣୁରୁରୁଗାୟୋ ନମସ୍ୟଃ ।
ତ୍ୱଂ ବ୍ରହ୍ମା ରୟିବିଦ୍-ବ୍ରହ୍ମଣସ୍ପତେ ତ୍ୱଂ ବିଧର୍ତଃ ସଚସେ ପୁରଂଧ୍ୟା ।।୩।।
ତ୍ୱମଗ୍ନେ ରାଜା ବରୁଣୋ ଧୃତବ୍ରତସ୍ତ୍ୱଂ ମିତ୍ରୋ ଭବସି ଦସ୍ମ ଇଡ୍ୟଃ ।
ତ୍ୱମର୍ୟମା ସତ୍-ପତିର୍ୟସ୍ୟ ସଂଭୁଜଂ ତ୍ୱମଂଶୋ ବିଦଥେ ଦେବ ଭାଜୟୁଃ ।।୪।।
ତ୍ୱମଗ୍ନେ ତ୍ୱଷ୍ଟା ବିଧତେ ସୁବୀର୍ୟଂ ତବ ଗ୍ନାବୋ ମିତ୍ରମହଃ ସଜାତ୍ୟମ୍ ।
ତ୍ୱମାଶୁହେମା ରରିଷେ ସ୍ୱଶ୍ୱ୍ୟଂ ତ୍ୱଂ ନରାଂ ଶର୍ଧୋ ଅସି ପୁରୂବସୁଃ ।।୫।।
ତ୍ୱମଗ୍ନେ ରୁଦ୍ରୋ ଅସୁରୋ ମହୋ ଦିବସ୍ତ୍ୱଂ ଶର୍ଧୋ ମାରୁତଂ ପୃକ୍ଷ ଈଶିଷେ ।
ତ୍ୱଂ ବାତୈରରୁଣୈର୍ୟାସି ଶଂଗୟସ୍ତ୍ୱଂ ପୂଷା ବିଧତଃ ପାସି ନୁ ତ୍ମନା ।।୬।।
ତ୍ୱମଗ୍ନେ ଦ୍ରବିଣୋଦା ଅରଂକୃତେ ତ୍ୱଂ ଦେବଃ ସବିତା ରତ୍ନଧା ଅସି ।
ତ୍ୱଂ ଭଗୋ ନୃପତେ ବସ୍ୱ ଈଶିଷେ ତ୍ୱଂ ପାୟୁର୍ଦମେ ୟସ୍ତେଽବିଧତ୍ ।।୭।।
ତ୍ୱାମଗ୍ନେ ଦମ ଆ ବିଶ୍ପତିଂ ବିଶସ୍ତ୍ୱାଂ ରାଜାନଂ ସୁବିଦତ୍ରମୃଞ୍ଜତେ ।
ତ୍ୱଂ ବିଶ୍ୱାନି ସ୍ୱନୀକ ପତ୍ୟସେ ତ୍ୱଂ ସହସ୍ରାଣି ଶତା ଦଶ ପ୍ରତି ।।୮।।


For personal study purpose Only, Not for Commercial use. Please contact editor – prakash@scholarshoppe.com
Not for Commercial Use

ତ୍ୱାମଗ୍ନେ ପିତରମିଷ୍ଟିଭିର୍ନରସ୍ତ୍ୱାଂ ଭ୍ରାତ୍ରାୟ ଶମ୍ୟା ତନୂରୁଚମ୍ ।
ତ୍ୱଂ ପୁତ୍ରୋ ଭବସି ଯସ୍ତେଽବିଧତ୍ତ୍ୱଂ ସଖା ସୁଶେବଃ ପାସ୍ୟାଧୃଷଃ ।।୯।।
ତ୍ୱମଗ୍ନ ଋଭୁରାକେ ନମସ୍ୟସ୍ତ୍ୱଂ ବାଜସ୍ୟ କ୍ଷୁମତୋ ରାୟ ଈଶିଷେ ।
ତ୍ୱଂ ବି ଭାସ୍ୟନୁ ଦକ୍ଷି ଦାବନେ ତ୍ୱଂ ବିଶିକ୍ଷୁରସି ଯଜ୍ଞମାତନିଃ ।।୧୦।।
ତ୍ୱମଗ୍ନେ ଅଦିତିର୍ଦେବ ଦାଶୁଷେ ତ୍ୱଂ ହୋତ୍ରା ଭାରତୀ ବର୍ଧସେ ଗିରା ।
ତ୍ୱମିଳା ଶତହିମାସି ଦକ୍ଷସେ ତ୍ୱଂ ବୃତ୍ରହା ବସୁପତେ ସରସ୍ୱତୀ ।।୧୧।।
ତ୍ୱମଗ୍ନେ ସୁଭୃତ ଉତ୍ତମଂ ବୟସ୍ତବ ସ୍ପାର୍ହେ ବର୍ଣ୍ଣ ଆ ସଂଦୃଶି ଶ୍ରିୟଃ ।
ତ୍ୱଂ ବାଜଃ ପ୍ରତରଣୋ ବୃହନ୍ନସି ତ୍ୱଂ ରୟିର୍ବହୁଲୋ ବିଶ୍ୱତସ୍ପୃଥୁଃ ।।୧୨।।
ତ୍ୱାମଗ୍ନ ଆଦିତ୍ୟାସ ଆସ୍ୟଂ ତ୍ୱାଂ ଜିହ୍ୱାଂ ଶୁଚୟଶ୍ଚକ୍ରିରେ କବେ ।
ତ୍ୱାଂ ରାତିଷାଚୋ ଅଧ୍ୱରେଷୁ ସଶ୍ଚିରେ ତ୍ୱେ ଦେବା ହବିରଦନ୍ତ୍ୟାହୁତମ୍ ।।୧୩।।
ତ୍ୱେ ଅଗ୍ନେ ବିଶ୍ୱେ ଅମୃତାସୋ ଅଦ୍ରୁହ ଆସା ଦେବା ହବିରଦନ୍ତ୍ୟାହୁତମ୍ ।
ତ୍ୱୟା ମର୍ତାସଃ ସ୍ୱଦନ୍ତ ଆସୁତିଂ ତ୍ୱଂ ଗର୍ଭୋ ବୀରୁଧାଂ ଜଜ୍ଞିଷେ ଶୁଚିଃ ।।୧୪।।
ତ୍ୱଂ ତାନ୍ତ୍ସଂ ଚ ପ୍ରତି ଚାସି ମଜ୍ମନାଗ୍ନେ ସୁଜାତ ପ୍ର ଚ ଦେବ ରିଚ୍ୟସେ ।
ପୃକ୍ଷୋ ଯଦତ୍ର ମହିନା ବି ତେ ଭୁବଦନୁ ଦ୍ୟାବାପୃଥିବୀ ରୋଦସୀ ଉଭେ ।।୧୫।।
ଯେ ସ୍ତୋତୃଭ୍ୟୋ ଗୋଅଗ୍ରାମଶ୍ୱପେଶସମଗ୍ନେ ରାତିମୁପସୃଜନ୍ତି ସୂରୟଃ ।
ଅସ୍ମାଞ୍ଚ ତାଁଶ୍ଚ ପ୍ର ହି ନେଷି ବସ୍ୟ ଆ ବୃହଦ୍ୱଦେମ ବିଦଥେ ସୁବୀରାଃ ।।୧୬।।

==========================================================

**(୨|୨)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ ଛନ୍ଦଃ - ଜଗତୀ, ଦେବତା - ଅଗ୍ନିଃ

==========================================================

ଯଜ୍ଞେନ ବର୍ଧତ ଜାତବେଦସମଗ୍ନିଂ ଯଜଧ୍ୱଂ ହବିଷା ତନା ଗିରା ।
ସମିଧାନଂ ସୁପ୍ରୟସଂ ସ୍ୱର୍ଣ୍ଣରଂ ଦ୍ୟୁକ୍ଷଂ ହୋତାରଂ ବୃଜନେଷୁ ଧୂର୍ଷଦମ୍ ।।୧।।
ଅଭି ତ୍ୱା ନକ୍ତୀରୁଷସୋ ବବାଶିରେଽଗ୍ନେ ବତ୍ସଂ ନ ସ୍ୱସରେଷୁ ଧେନବଃ ।
ଦିବ ଇବେଦରତିର୍ମାନୁଷା ଯୁଗା କ୍ଷପୋ ଭାସି ପୁରୁବାର ସଂୟତଃ ।।୨।।
ତଂ ଦେବା ବୁଧ୍ନେ ରଜସଃ ସୁଦଂସସଂ ଦିବସ୍ପୃଥିବ୍ୟୋରରତିଂ ନ୍ୟେରିରେ ।
ରଥମିବ ବେଦ୍ୟଂ ଶୁକ୍ରଶୋଚିଷମଗ୍ନିଂ ମିତ୍ରଂ ନ କ୍ଷିତିଷୁ ପ୍ରଶଂସ୍ୟମ୍ ।।୩।।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ତମୁକ୍ଷମାଣଂ ରଜସି ସ୍ୱ ଆ ଦମେ ଚନ୍ଦ୍ରମିବ ସୁରୁଚଂ ହ୍ୱାର ଆ ଦଧୁଃ ।
ପୃଶ୍ନ୍ୟାଃ ପତରଂ ଚିତୟନ୍ତମକ୍ଷଭିଃ ପାଥୋ ନ ପାୟୁଂ ଜନସୀ ଉଭେ ଅନୁ ।।୪।।
ସ ହୋତା ବିଶ୍ୱଂ ପରି ଭୂତ୍ୱଧ୍ୱରଂ ତମୁ ହବ୍ୟୈର୍ମନୁଷ ଋଞ୍ଜତେ ଗିରା ।
ହିରିଶିପ୍ରୋ ବୃଧସାନାସୁ ଜର୍ଭୁରଦ୍ୟୌର୍ନ ସ୍ତୃଭିଶ୍ଚିତୟଦ୍ରୋଦସୀ ଅନୁ ।।୫।।
ସ ନୋ ରେବତ୍ସମିଧାନଃ ସ୍ୱସ୍ତୟେ ସଂଦଦସ୍ୱାନ୍ରୟିମସ୍ମାସୁ ଦୀଦିହି ।
ଆ ନଃ କୃଣୁଷ୍ୱ ସୁବିତାୟ ରୋଦସୀ ଅଗ୍ନେ ହବ୍ୟା ମନୁଷୋ ଦେବ ବୀତୟେ ।।୬।।
ଦା ନୋ ଅଗ୍ନେ ବୃହତୋ ଦାଃ ସହସ୍ରିଣୋ ଦୁରୋ ନ ବାଜଂ ଶ୍ରୁତ୍ୟା ଅପା ବୃଧି ।
ପ୍ରାଚୀ ଦ୍ୟାବାପୃଥିବୀ ବ୍ରହ୍ମଣା କୃଧି ସ୍ୱର୍ଣ୍ଣ ଶୁକ୍ରମୁଷସୋ ବି ଦିଦ୍ୟୁତଃ ।।୭।।
ସ ଇଧାନ ଉଷସୋ ରାମ୍ୟା ଅନୁ ସ୍ୱର୍ଣ୍ଣ ଦୀଦେଦରୁଷେଣ ଭାନୁନା ।
ହୋତ୍ରାଭିରଗ୍ନିର୍ମନୁଷଃ ସ୍ୱଧ୍ୱରୋ ରାଜା ବିଶାମତିଥିଶ୍ଚାରୁରାୟବେ ।।୮।।
ଏବା ନୋ ଅଗ୍ନେ ଅମୃତେଷୁ ପୂର୍ବ୍ୟ ଧୀଷ୍ପୀପାୟ ବୃହଦ୍ଦିବେଷୁ ମାନୁଷା ।
ଦୁହାନା ଧେନୁର୍ବୃଜନେଷୁ କାରବେ ତ୍ମନା ଶତିନଂ ପୁରୁରୂପମିଷଣି ।।୯।।
ବୟମଗ୍ନେ ଅର୍ବତା ବା ସୁବୀର୍ୟଂ ବ୍ରହ୍ମଣା ବା ଚିତୟେମା ଜନାଁ ଅତି ।
ଅସ୍ମାକଂ ଦ୍ୟୁମ୍ନମଧି ପଞ୍ଚ କୃଷ୍ଟିଷୂଚ୍ଚା ସ୍ୱର୍ଣ୍ଣ ଶୁଶୁଚୀତ ଦୁଷ୍ଟରମ୍ ।।୧୦।।
ସ ନୋ ବୋଧି ସହସ୍ୟ ପ୍ରଶଂସ୍ୟୋ ୟସ୍ମିନ୍ତ୍ସୁଜାତା ଇଷୟନ୍ତ ସୂରୟଃ ।
ୟମଗ୍ନେ ୟଜ୍ଞମୁପୟନ୍ତି ବାଜିନୋ ନିତ୍ୟେ ତୋକେ ଦୀଦିବାଂସଂ ସ୍ୱେ ଦମେ ।।୧୧।।
ଉଭୟାସୋ ଜାତବେଦଃ ସ୍ୟାମ ତେ ସ୍ତୋତାରୋ ଅଗ୍ନେ ସୂରୟଶ୍ଚ ଶର୍ମଣି ।
ବସ୍ୱୋ ରାୟଃ ପୁରୁଶ୍ଚନ୍ଦ୍ରସ୍ୟ ଭୂୟସଃ ପ୍ରଜାବତଃ ସ୍ୱପତ୍ୟସ୍ୟ ଶଗ୍ଧି ନଃ ।।୧୨।।
ୟେ ସ୍ତୋତୃଭ୍ୟୋ ଗୋଅଗ୍ରାମଶ୍ୱପେଶସମଗ୍ନେ ରାତିମୁପସୃଜନ୍ତି ସୂରୟଃ ।
ଅସ୍ମାଞ୍ଚ ତାଁଶ୍ଚ ପ୍ର ହି ନେଷି ବସ୍ୟ ଆ ବୃହଦ୍ୱଦେମ ବିଦଥେ ସୁବୀରାଃ ।।୧୩।।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

===============================================================

**(୨|୩)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ ଛନ୍ଦଃ - ତ୍ରିଷ୍ଟୁପ୍ ୧-୬, ୮-୧୧, ଜଗତୀ ୭,

ଦେବତା - ଇଧ୍ମଃ ସମିଦ୍ଧଃ ଅଗ୍ନିଃ ହ୍ବା ୧, ନରାଶଂସଃ ୨, ଇଳଃ ୩, ବର୍ହିଃ ୪, ଦେବୀର୍ଦ୍ୱାରଃ ୫,

ଉଷାସାନକ୍ତା ୬, ଦୈବ୍ୟୌ ହୋତାରୌ ପ୍ରଚେତସୌ ୭, ତିସ୍ରଃ ଦେବ୍ୟଃ ସରସ୍ୱତୀଳାଭାରତ୍ୟଃ ୮,

ତ୍ୱଷ୍ଟା ୯, ବନସ୍ପତିଃ ୧୦, ସ୍ୱାହାକୃତୟଃ ୧୧

===============================================================

ସମିଦ୍ଧୋ ଅଗ୍ନିର୍ନିହିତଃ ପୃଥିବ୍ୟାଂ ପ୍ରତ୍ୟଙ୍ ବିଶ୍ୱାନି ଭୁବନାନ୍ୟସ୍ଥାତ୍ ।
ହୋତା ପାବକଃ ପ୍ରଦିବଃ ସୁମେଧା ଦେବୋ ଦେବାନ୍ୟଜତ୍ୱଗ୍ନିରର୍ହନ୍ ।।୧।।
ନରାଶଂସଃ ପ୍ରତି ଧାମାନ୍ୟଞ୍ଜନ୍ ତିସ୍ରୋ ଦିବଃ ପ୍ରତି ମହ୍ନା ସ୍ୱର୍ଚିଃ ।
ଘୃତପ୍ରୁଷା ମନସା ହବ୍ୟମୁନ୍ଦନ୍ମୂର୍ଧନ୍ୟଜ୍ଞସ୍ୟ ସମନକ୍ତୁ ଦେବାନ୍ ।।୨।।
ଇଳିତୋ ଅଗ୍ନେ ମନସା ନୋ ଅର୍ହନ୍ଦେବାନ୍ୟକ୍ଷି ମାନୁଷାତ୍-ପୂର୍ବୋ ଅଦ୍ୟ ।
ସ ଆ ବହ ମରୁତାଂ ଶର୍ଧୋ ଅଚ୍ୟୁତମିନ୍ଦ୍ରଂ ନରୋ ବର୍ହିଷଦଂ ୟଜଧ୍ୱମ୍ ।।୩।।
ଦେବ ବର୍ହିର୍ବର୍ଧମାନଂ ସୁବୀରଂ ସ୍ତୀର୍ଣ୍ଣଂ ରାୟେ ସୁଭରଂ ବେଦ୍ୟସ୍ୟାମ୍ ।
ଘୃତେନାକ୍ତଂ ବସବଃ ସୀଦତେଦଂ ବିଶ୍ୱେ ଦେବା ଆଦିତ୍ୟା ୟଜ୍ଞିୟାସଃ ।।୪।।
ବି ଶ୍ରୟନ୍ତାମୁର୍ବିୟା ହୂୟମାନା ଦ୍ୱାରୋ ଦେବୀଃ ସୁପ୍ରାୟଣା ନମୋଭିଃ ।
ବ୍ୟଚସ୍ୱତୀର୍ବି ପ୍ରଥନ୍ତାମଜୁର୍ୟା ବର୍ଣ୍ଣଂ ପୁନାନା ୟଶସଂ ସୁବୀରମ୍ ।।୫।।
ସାଧ୍ୱପାଂସି ସନତା ନ ଉକ୍ଷିତେ ଉଷାସାନକ୍ତା ବୟ୍ୟେବ ରଣ୍ୱିତେ ।
ତନ୍ତୁଂ ତତଂ ସଂବୟନ୍ତୀ ସମୀଚୀ ୟଜ୍ଞସ୍ୟ ପେଶଃ ସୁଦୁଘେ ପୟସ୍ୱତୀ ।।୬।।
ଦୈବ୍ୟା ହୋତାରା ପ୍ରଥମା ବିଦୁଷ୍ଟର ଋଜୁ ୟକ୍ଷତଃ ସମୃଚା ବପୁଷ୍ଟରା ।
ଦେବାନ୍ୟଜନ୍ତାବୃତୁଥା ସମଞ୍ଜତୋ ନାଭା ପୃଥିବ୍ୟା ଅଧି ସାନୁଷୁ ତ୍ରିଷୁ ।।୭।।
ସରସ୍ୱତୀ ସାଧୟନ୍ତୀ ଧିୟଂ ନ ଇଳା ଦେବୀ ଭାରତୀ ବିଶ୍ୱତୂର୍ତିଃ ।
ତିସ୍ରୋ ଦେବୀଃ ସ୍ୱଧୟା ବର୍ହିରେଦମଚ୍ଛିଦ୍ରଂ ପାନ୍ତୁ ଶରଣଂ ନିଷଦ୍ୟ ।।୮।।
ପିଶଙ୍ଗରୂପଃ ସୁଭରୋ ବୟୋଧାଃ ଶ୍ରୁଷ୍ଟୀ ବୀରୋ ଜାୟତେ ଦେବକାମଃ ।
ପ୍ରଜାଂ ତ୍ୱଷ୍ଟା ବି ଷ୍ୟତୁ ନାଭିମସ୍ମେ ଅଥା ଦେବାନାମପ୍ୟେତୁ ପାଥଃ ।।୯।।
ବନସ୍ପତିରବସୃଜନ୍ନୁପ ସ୍ଥାଦଗ୍ନିର୍ହବିଃ ସୂଦୟାତି ପ୍ର ଧୀଭିଃ ।
ତ୍ରିଧା ସମକ୍ତଂ ନୟତୁ ପ୍ରଜାନନ୍ଦେବେଭ୍ୟୋ ଦୈବ୍ୟଃ ଶମିତୋପ ହବ୍ୟମ୍ ।।୧୦।।


For personal study purpose Only, Not for Commercial use. Please contact editor – prakash@scholarshoppe.com

ଘୃତଂ ମିମିକ୍ଷେ ଘୃତମସ୍ୟ ଯୋନିର୍ଘୃତେ ଶ୍ରିତୋ ଘୃତମ୍ୱସ୍ୟ ଧାମ ।
ଅନୁଷ୍ୱଧମା ବହ ମାଦୟସ୍ୱ ସ୍ୱାହାକୃତଂ ବୃଷଭ ବକ୍ଷି ହବ୍ୟମ୍ ।।୧୧।।

==========================================================

**(୨|୪)** ଋଷିଃ - ଭାର୍ଗବଃ ସୋମାହୁତିଃ, ଛନ୍ଦଃ - ତ୍ରିଷ୍ଟୁପ୍, ଦେବତା - ଅଗ୍ନିଃ

==========================================================

ହୁବେ ବଃ ସୁଦ୍ୟୋତ୍ମାନଂ ସୁବୃକ୍ତିଂ ବିଶାମଗ୍ନିମତିଥିଂ ସୁପ୍ରୟସମ୍ ।
ମିତ୍ର ଇବ ଯୋ ଦିଧିଷାୟ୍ୟୋ ଭୂଦ୍ଦେବ ଆଦେବେ ଜନେ ଜାତବେଦାଃ ।।୧।।
ଇମଂ ବିଧନ୍ତୋ ଅପାଂ ସଧସ୍ଥେ ଦ୍ୱିତାଦଧୁର୍ଭୃଗବୋ ବିକ୍ଷ୍ୱାୟୋଃ ।
ଏଷ ବିଶ୍ୱାନ୍ୟଭ୍ୟସ୍ତୁ ଭୂମା ଦେବାନାମଗ୍ନିରରତିର୍ଜୀରାଶ୍ୱଃ ।।୨।।
ଅଗ୍ନିଂ ଦେବାସୋ ମାନୁଷୀଷୁ ବିକ୍ଷୁ ପ୍ରିୟଂ ଧୁଃ କ୍ଷେଷ୍ୟନ୍ତୋ ନ ମିତ୍ରମ୍ ।
ସ ଦୀଦୟଦୁଶତୀରୂର୍ମ୍ୟା ଆ ଦକ୍ଷାୟ୍ୟୋ ଯୋ ଦାସ୍ୱତେ ଦମ ଆ ।।୩।।
ଅସ୍ୟ ରଣ୍ୱା ସ୍ୱସ୍ୟେବ ପୁଷ୍ଟିଃ ସଂଦୃଷ୍ଟିରସ୍ୟ ହିୟାନସ୍ୟ ଦକ୍ଷୋଃ ।
ବି ଯୋ ଭରିଭ୍ରଦୋଷଧୀଷୁ ଜିହ୍ୱାମତ୍ୟୋ ନ ରଥ୍ୟୋ ଦୋଧବୀତି ବାରାନ୍ ।।୪।।
ଆ ଯନ୍ମେ ଅଭ୍ୱଂ ବନଦଃ ପନନ୍ତୋଶିଗ୍-ଭ୍ୟୋ ନାମିମୀତ ବର୍ଣ୍ଣମ୍ ।
ସ ଚିତ୍ରେଣ ଚିକିତେ ରଂସୁ ଭାସା ଜୁଜୁର୍ବାଁ ଯୋ ମୁହୁରା ଯୁବା ଭୂତ୍ ।।୫।।
ଆ ଯୋ ବନା ତାତୃଷାଣୋ ନ ଭାତି ବାର୍ଣ୍ଣ ପଥା ରଥ୍ୟେବ ସ୍ୱାନୀତ୍ ।
କୃଷ୍ଣାଧ୍ୱା ତପୂ ରଣ୍ୱଶ୍ଚିକେତ ଦ୍ୟୌରିବ ସ୍ମୟମାନୋ ନଭୋଭିଃ ।।୬।।
ସ ଯୋ ବ୍ୟସ୍ଥାଦଭି ଦକ୍ଷଦୁର୍ବୀଂ ପଶୁର୍ନୈତି ସ୍ୱୟୁରଗୋପାଃ ।
ଅଗ୍ନିଃ ଶୋଚିଷ୍ମାଁ ଅତସାନ୍ୟୁଷ୍ଣନ୍-କୃଷ୍ଣବ୍ୟଥିରସ୍ୱଦୟନ୍ନ ଭୂମ ।।୭।।
ନୂ ତେ ପୂର୍ବସ୍ୟାବସୋ ଅଧୀତୌ ତୃତୀୟେ ବିଦଥେ ମନ୍ମ ଶଂସି ।
ଅସ୍ମେ ଅଗ୍ନେ ସଂୟଦ୍ୱୀରଂ ବୃହନ୍ତଂ କ୍ଷୁମନ୍ତଂ ବାଜଂ ସ୍ୱପତ୍ୟଂ ରୟିଂ ଦାଃ ।।୮।।
ତ୍ୱୟା ଯଥା ଗୃତ୍ସମଦାସୋ ଅଗ୍ନେ ଗୁହା ବନ୍ୱନ୍ତ ଉପରାଁ ଅଭି ଷ୍ୟୁଃ ।
ସୁବୀରାସୋ ଅଭିମାତିଷାହଃ ସ୍ମତ୍ସୂରିଭ୍ୟୋ ଗୃଣତେ ତଦ୍ୱୟୋ ଧାଃ ।।୯।।


For personal study purpose Only, Not for Commercial use. Please contact editor – prakash@scholarshoppe.com

==========================================================

**(୨|୫)** ଋଷିଃ - ଭାର୍ଗବଃ ସୋମାହୁତିଃ, ଛନ୍ଦଃ - ଅନୁଷ୍ଟୁପ୍, ଦେବତା - ଅଗ୍ନିଃ

==========================================================

ହୋତାଜନିଷ୍ଟ ଚେତନଃ ପିତା ପିତୃଭ୍ୟ ଊତୟେ । ପ୍ରୟକ୍ଷଞ୍ଜେନ୍ୟଂ ବସୁ ଶକେମ ବାଜିନୋ ୟମମ୍ ।।୧।।

ଆ ୟସ୍ମିନ୍ତ୍ସପ୍ତ ରଶ୍ମୟସ୍ତତା ୟଜ୍ଞସ୍ୟ ନେତରି । ମନୁଷ୍ୱଦ୍ଦୈବ୍ୟମଷ୍ଟମଂ ପୋତା ବିଶ୍ୱଂ ତଦିନ୍ୱତି ।।୨।।

ଦଧନ୍ୱେ ବା ୟଦୀମନୁ ବୋଚଦ୍-ବ୍ରହ୍ମାଣି ବେରୁ ତତ୍ । ପରି ବିଶ୍ୱାନି କାବ୍ୟା ନେମିଶ୍ଚକ୍ରମିବାଭବତ୍ ।।୩।।

ସାକଂ ହି ଶୁଚିନା ଶୁଚିଃ ପ୍ରଶାସ୍ତା କ୍ରତୁନାଜନି । ବିଦ୍ୱାଁ ଅସ୍ୟ ବ୍ରତା ଧ୍ରୁବା ବୟା ଇବାନୁ ରୋହତେ ।।୪।।

ତା ଅସ୍ୟ ବର୍ଣ୍ଣମାୟୁବୋ ନେଷ୍ଟୁଃ ସଚନ୍ତ ଧେନବଃ ।କୁବିତ୍ତିସୃଭ୍ୟ ଆ ବରଂ ସ୍ୱସାରୋ ୟା ଇଦଂ ୟୟୁଃ ।।୫।।

ୟଦୀ ମାତୁରୁପ ସ୍ୱସା ଘୃତଂ ଭରନ୍ତ୍ୟସ୍ଥିତ । ତାସାମଧ୍ୱର୍ୟୁରାଗତୌ ୟବୋ ବୃଷ୍ଟୀବ ମୋଦତେ ।।୬।।

ସ୍ୱଃ ସ୍ୱାୟ ଧାୟସେ କୃଣୁତାମୃତ୍ୱିଗୃତ୍ୱିଜମ୍ । ସ୍ତୋମଂ ୟଜ୍ଞଂ ଚାଦରଂ ବନେମା ରରିମା ବୟମ୍ ।।୭।।

ୟଥା ବିଦ୍ୱାଁ ଅରଂ କରଦ୍ୱିଶ୍ୱେଭ୍ୟୋ ୟଜତେଭ୍ୟଃ । ଅୟମଗ୍ନେ ତ୍ୱେ ଅପି ୟଂ ୟଜ୍ଞଂ ଚକୃମା ବୟମ୍ ।।୮।।

==========================================================

**(୨|୬)** ଋଷିଃ - ଭାର୍ଗବଃ ସୋମାହୁତିଃ, ଛନ୍ଦଃ - ଗାୟତ୍ରୀ, ଦେବତା - ଅଗ୍ନିଃ

==========================================================

ଇମାଂ ମେ ଅଗ୍ନେ ସମିଧମିମାମୁପସଦଂ ବନେଃ । ଇମା ଉ ଷୁ ଶ୍ରୁଧୀ ଗିରଃ ।।୧।।

ଅୟା ତେ ଅଗ୍ନେ ବିଧେମୋର୍ଜୋ ନପାଦଶ୍ୱମିଷ୍ଟେ । ଏନା ସୂକ୍ତେନ ସୁଜାତ ।।୨।।

ତଂ ତ୍ୱା ଗୀର୍ଭିର୍ଗିର୍ବଣସଂ ଦ୍ରବିଣସ୍ୟୁଂ ଦ୍ରବିଣୋଦଃ । ସପର୍ୟେମ ସପର୍ୟବଃ ।।୩।।

ସ ବୋଧି ସୂରିର୍ମଘବା ବସୁପତେ ବସୁଦାବନ୍ । ୟୁୟୋଧ୍ୟସ୍ମଦ୍ଦ୍ୱେଷାଂସି ।।୪।।

ସ ନୋ ବୃଷ୍ଟିଂ ଦିବସ୍ପରି ସ ନୋ ବାଜମନର୍ବାଣମ୍ । ସ ନଃ ସହସ୍ରିଣୀରିଷଃ ।।୫।।

ଈଳାନାୟାବସ୍ୟବେ ୟବିଷ୍ଠ ଦୂତ ନୋ ଗିରା । ୟଜିଷ୍ଠ ହୋତରା ଗହି ।।୬।।

ଅନ୍ତର୍ହ୍ୟଗ୍ନ ଈୟସେ ବିଦ୍ୱାନ୍ ଜନ୍ମୋଭୟା କବେ । ଦୂତୋ ଜନ୍ୟେବ ମିତ୍ର୍ୟଃ ।।୭।।

ସ ବିଦ୍ୱାଁ ଆ ଚ ପିପ୍ରୟୋ ୟକ୍ଷି ଚିକିତ୍ୱ ଆନୁଷକ୍ । ଆ ଚାସ୍ମିନ୍ତ୍ସତ୍ସି ବର୍ହିଷି ।।୮।।

Not for Commercial use


For personal study purpose Only, Not for Commercial use. Please contact editor – prakash@scholarshoppe.com

==========================================================

**(୨|୭)** ଋଷିଃ - ଭାର୍ଗବଃ ସୋମାହୁତିଃ, ଛନ୍ଦଃ - ଗାୟତ୍ରୀ, ଦେବତା - ଅଗ୍ନିଃ

==========================================================

ଶ୍ରେଷ୍ଠଂ ଯବିଷ୍ଠ ଭାରତାଗ୍ନେ ଦ୍ୟୁମନ୍ତମା ଭର । ବସୋ ପୁରୁସ୍ପୃହଂ ରୟିମ୍ ।।୧।।
ମା ନୋ ଅରାତିରୀଶତ ଦେବସ୍ୟ ମର୍ତ୍ୟସ୍ୟ ଚ । ପର୍ଷି ତସ୍ୟା ଉତ ଦ୍ୱିଷଃ ।।୨।।
ବିଶ୍ୱା ଉତ ତ୍ୱୟା ବୟଂ ଧାରା ଉଦନ୍ୟା ଇବ । ଅତି ଗାହେମହି ଦ୍ୱିଷଃ ।।୩।।
ଶୁଚିଃ ପାବକ ବନ୍ଦ୍ୟୋଽଗ୍ନେ ବୃହଦ୍ୱି ରୋଚସେ । ତ୍ୱଂ ଘୃତେଭିରାହୁତଃ ।।୪।।
ତ୍ୱଂ ନୋ ଅସି ଭାରତାଗ୍ନେ ବଶାଭିରୁକ୍ଷଭିଃ । ଅଷ୍ଟାପଦୀଭିରାହୁତଃ ।।୫।।
ଦ୍ରୁନ୍ନଃ ସର୍ପିରାସୁତିଃ ପ୍ରତ୍ନୋ ହୋତା ବରେଣ୍ୟଃ । ସହସସ୍ପୁତ୍ରୋ ଅଦ୍-ଭୁତଃ ।।୬।।

==========================================================

**(୨|୮)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ଗାୟତ୍ରୀ ୧-୫, ଅନୁଷ୍ଟୁପ୍ ୬, ଦେବତା - ଅଗ୍ନିଃ

==========================================================

ବାଜୟନ୍ନିବ ନୂ ରଥାନ୍ୟୋଗାଁ ଅଗ୍ନେରୁପ ସ୍ତୁହି । ଯଶସ୍ତମସ୍ୟ ମୀଳ୍ହୁଷଃ ।।୧।।
ଯଃ ସୁନୀଥୋ ଦଦାଶୁଷେଽଜୁର୍ଯୋ ଜରୟନ୍ନରିମ୍ । ଚାରୁପ୍ରତୀକ ଆହୁତଃ ।।୨।।
ୟ ଉ ଶ୍ରିୟା ଦମେଷ୍ୱା ଦୋଷୋଷସି ପ୍ରଶସ୍ୟତେ । ଯସ୍ୟ ବ୍ରତଂ ନ ମୀୟତେ ।।୩।।
ଆ ଯଃ ସ୍ୱର୍ଣ୍ଣ ଭାନୁନା ଚିତ୍ରୋ ବିଭାତ୍ୟର୍ଚିଷା । ଅଞ୍ଜାନୋ ଅଜରୈରଭି ।।୪।।
ଅତ୍ରିମନୁ ସ୍ୱରାଜ୍ୟମଗ୍ନିମୁକ୍ଥାନି ବାବୃଧୁଃ । ବିଶ୍ୱା ଅଧି ଶ୍ରିୟୋ ଦଧେ ।।୫।।
ଅଗ୍ନେରିନ୍ଦ୍ରସ୍ୟ ସୋମସ୍ୟ ଦେବାନାମୂତିଭିର୍ବୟମ୍ । ଅରିଷ୍ୟନ୍ତଃ ସଚେମହ୍ୟଭି ଷ୍ୟାମ ପୃତନ୍ୟତଃ ।।୬।।

**।। ଇତି ଦ୍ୱିତୀୟାଷ୍ଟକେ ପଞ୍ଚମୋଽଧ୍ୟାୟଃ ସମାପ୍ତଃ ।।**

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

# । ଅଥଃ ଦ୍ୱିତୀୟାଷ୍ଟକଃ ।

## ( ଷଷ୍ଠୋଽଧ୍ୟାୟଃ ।। ବର୍ଗାଃ ୧-୩୨)

================================================================

**(୨|୯)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ତ୍ରିଷ୍ଟୁପ୍, ଦେବତା - ଅଗ୍ନିଃ

================================================================

ନି ହୋତା ହୋତୃଷଦନେ ବିଦାନସ୍ତ୍ୱେଷୋ ଦୀଦିବାଁ ଅସଦତ୍ସୁଦକ୍ଷଃ ।
ଅଦବ୍-ଧବ୍ରତପ୍ରମତିର୍ବସିଷ୍ଠଃ ସହସ୍ରଂଭରଃ ଶୁଚିଜିହ୍ୱୋ ଅଗ୍ନିଃ ।।୧।।
ତ୍ୱଂ ଦୂତସ୍ତ୍ୱମୁ ନଃ ପରସ୍ପାସ୍ତ୍ୱଂ ବସ୍ୟ ଆ ବୃଷଭ ପ୍ରଣେତା ।
ଅଗ୍ନେ ତୋକସ୍ୟ ନସ୍ତନେ ତନୂନାମପ୍ରୟୁଚ୍ଛନ୍ଦୀଦ୍ୟଦ୍ବୋଧି ଗୋପାଃ ।।୨।।
ବିଧେମ ତେ ପରମେ ଜନ୍ମନ୍ନଗ୍ନେ ବିଧେମ ସ୍ତୋମୈରବରେ ସଧସ୍ଥେ ।
ୟସ୍ମାଦ୍ୟୋନେରୁଦାରିଥା ୟଜେ ତଂ ପ୍ର ତ୍ୱେ ହବୀଂଷି ଜୁହୁରେ ସମିଦ୍ଧେ ।।୩।।
ଅଗ୍ନେ ୟଜସ୍ୱ ହବିଷା ୟଜୀୟାଞ୍ଛ୍ରୁଷ୍ଟୀ ଦେଷ୍ଣମଭି ଗୃଣୀହି ରାଧଃ ।
ତ୍ୱଂ ହ୍ୟସି ରୟିପତୀ ରୟୀଣାଂ ତ୍ୱଂ ଶୁକ୍ରସ୍ୟ ବଚସୋ ମନୋତା ।।୪।।
ଉଭୟଂ ତେ ନ କ୍ଷୀୟତେ ବସବ୍ୟଂ ଦିବେଦିବେ ଜାୟମାନସ୍ୟ ଦସ୍ମ ।
କୃଧି କ୍ଷୁମନ୍ତଂ ଜରିତାରମଗ୍ନେ କୃଧି ପତିଂ ସ୍ୱପତ୍ୟସ୍ୟ ରାୟଃ ।।୫।।
ସୈନାନୀକେନ ସୁବିଦତ୍ରୋ ଅସ୍ମେ ୟଷ୍ଟା ଦେବାଁ ଆୟଜିଷ୍ଠଃ ସ୍ୱସ୍ତି ।
ଅଦବ୍ଧୋ ଗୋପା ଉତ ନଃ ପରସ୍ପା ଅଗ୍ନେ ଦ୍ୟୁମଦୁତ ରେବଦ୍ଦିଦୀହି ।।୬।।

================================================================

**(୨|୧୦)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ତ୍ରିଷ୍ଟୁପ୍, ଦେବତା - ଅଗ୍ନିଃ

================================================================

ଜୋହୂତ୍ରୋ ଅଗ୍ନିଃ ପ୍ରଥମଃ ପିତେବେଳସ୍ପଦେ ମନୁଷା ୟତ୍ସମିଦ୍ଧଃ ।
ଶ୍ରିୟଂ ବସାନୋ ଅମୃତୋ ବିଚେତା ମର୍ମୃଜେନ୍ୟଃ ଶ୍ରବସ୍ୟଃ ସ ବାଜୀ ।।୧।।
ଶ୍ରୂୟା ଅଗ୍ନିଶ୍ଚିତ୍ରଭାନୁର୍ହବଂ ମେ ବିଶ୍ୱାଭିର୍ଗୀର୍ଭିରମୃତୋ ବିଚେତାଃ ।
ଶ୍ୟାବା ରଥଂ ବହତୋ ରୋହିତା ବୋତାରୁଷାହ ଚକ୍ରେ ବିଭୃତ୍ରଃ ।।୨।।


For personal study purpose Only, Not for Commercial use. Please contact editor – prakash@scholarshoppe.com
Not for Commercial Use

ଉତ୍ତାନାୟାମଜନୟନ୍ତ୍ସୁଷୂତଂ ଭୁବଦଗ୍ନିଃ ପୁରୁପେଶାସୁ ଗର୍ଭଃ ।
ଶିରିଣାୟାଂ ଚିଦକ୍ତୁନା ମହୋଭିରପରୀବୃତୋ ବସତି ପ୍ରଚେତାଃ ।।୩।।
ଜିଘର୍ମ୍ୟଗ୍ନିଂ ହବିଷା ଘୃତେନ ପ୍ରତିକ୍ଷିୟନ୍ତଂ ଭୁବନାନି ବିଶ୍ୱା ।
ପୃଥୁଂ ତିରଶ୍ଚା ବୟସା ବୃହନ୍ତଂ ବ୍ୟଚିଷ୍ଠମନ୍ନୈ ରଭସଂ ଦୃଶାନମ୍ ।।୪।।
ଆ ବିଶ୍ୱତଃ ପ୍ରତ୍ୟଞ୍ଚଂ ଜିଘର୍ମ୍ୟରକ୍ଷସା ମନସା ତଜ୍ଜୁଷେତ ।
ମର୍ୟଶ୍ରୀଃ ସ୍ପୃହୟଦ୍ୱର୍ଣ୍ଣୋ ଅଗ୍ନିର୍ନାଭିମୃଶେ ତନ୍ୱା ଜର୍ଭୁରାଣଃ ।।୫।।
ଜ୍ଞେୟା ଭାଗଂ ସହସାନୋ ବରେଣ ତ୍ୱାଦୂତାସୋ ମନୁବଦ୍ୱଦେମ ।
ଅନୂନମଗ୍ନିଂ ଜୁହ୍ୱା ବଚସ୍ୟା ମଧୁପୃଚଂ ଧନସା ଜୋହବୀମି ।।୬।।

=====================================================================

**(୨|୧୧)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ବିରାଟ୍ସ୍ଥାନା ତ୍ରିଷ୍ଟୁପ୍ ୧-୨୦, ତ୍ରିଷ୍ଟୁପ୍ ୨୧,
ଦେବତା - ଅଗ୍ନିଃ

=====================================================================

ଶ୍ରୁଧୀ ହବମିନ୍ଦ୍ର ମା ରିଷଣ୍ୟଃ ସ୍ୟାମ ତେ ଦାବନେ ବସୂନାମ୍ ।
ଇମା ହି ତ୍ୱାମୂର୍ଜୋ ବର୍ଧୟନ୍ତି ବସୂୟବଃ ସିନ୍ଧବୋ ନ କ୍ଷରନ୍ତଃ ।।୧।।
ସୃଜୋ ମହୀରିନ୍ଦ୍ର ୟା ଅପିନ୍ୱଃ ପରିଷ୍ଠିତା ଅହିନା ଶୂର ପୂର୍ବୀଃ ।
ଅମର୍ତ୍ୟଂ ଚିଦ୍ଦାସଂ ମନ୍ୟମାନମବାଭିନଦୁକ୍-ଥୈର୍ବାବୃଧାନଃ ।।୨।।
ଉକ୍-ଥେଷ୍ୱିନ୍ନୁ ଶୂର ୟେଷୁ ଚାକନ୍ସ୍ତୋମେଷ୍ୱିନ୍ଦ୍ର ରୁଦ୍ରିୟେଷୁ ଚ ।
ତୁଭ୍ୟେଦେତା ୟାସୁ ମନ୍ଦସାନଃ ପ୍ର ବାୟବେ ସିସ୍ରତେ ନ ଶୁଭ୍ରାଃ ।।୩।।
ଶୁଭ୍ରଂ ନୁ ତେ ଶୁଷ୍ମଂ ବର୍ଧୟନ୍ତଃ ଶୁଭ୍ରଂ ବଜ୍ରଂ ବାହ୍ୱୋର୍ଦଧାନାଃ ।
ଶୁଭ୍ରସ୍ତ୍ୱମିନ୍ଦ୍ର ବାବୃଧାନୋ ଅସ୍ମେ ଦାସୀର୍ବିଶଃ ସୂର୍ୟେଣ ସହ୍ୟାଃ ।।୪।।
ଗୁହା ହିତଂ ଗୁହ୍ୟଂ ଗୂଳ୍ହମପ୍ସ୍ୱପୀବୃତଂ ମାୟିନଂ କ୍ଷିୟନ୍ତମ୍ ।
ଉତୋ ଅପୋ ଦ୍ୟାଂ ତସ୍ତଭ୍ୱାଂସମହନ୍ନହିଂ ଶୂର ବୀର୍ୟେଣ ।।୫।।
ସ୍ତବା ନୁ ତ ଇନ୍ଦ୍ର ପୂର୍ବ୍ୟା ମହାନ୍ୟୁତ ସ୍ତବାମ ନୂତନା କୃତାନି ।
ସ୍ତବା ବଜ୍ରଂ ବାହ୍ୱୋରୁଶନ୍ତଂ ସ୍ତବା ହରୀ ସୂର୍ୟସ୍ୟ କେତୂ ।।୬।।


For personal study purpose Only, Not for Commercial use. Please contact editor – prakash@scholarshoppe.com

ହରୀ ନୁ ତ ଇନ୍ଦ୍ର ବାଜୟନ୍ତା ଘୃତଶ୍ଚୁତଂ ସ୍ୱାରମସ୍ୱାର୍ଷ୍ଟାମ୍ ।
ବି ସମନା ଭୂମିରପ୍ରଥିଷ୍ଟାରଂସ୍ତ ପର୍ବତଶ୍ଚିତ୍ସରିଷ୍ୟନ୍ ।।୭।।
ନି ପର୍ବତଃ ସାଦ୍ୟପ୍ରୟୁଚ୍ଛନ୍ତ୍ସଂ ମାତୃଭିର୍ବାବଶାନୋ ଅକ୍ରାନ୍ ।
ଦୂରେ ପାରେ ବାଣୀଂ ବର୍ଧୟନ୍ତ ଇନ୍ଦ୍ରେଷିତାଂ ଧମନିଂ ପପ୍ରଥନ୍ନି ।।୮।।
ଇନ୍ଦ୍ରୋ ମହାଂ ସିନ୍ଧୁମାଶୟାନଂ ମାୟାବିନଂ ବୃତ୍ରମସ୍-ଫୁରନ୍ନିଃ ।
ଅରେଜେତାଂ ରୋଦସୀ ଭିୟାନେ କନିକ୍ରଦତୋ ବୃଷ୍ଣୋ ଅସ୍ୟ ବଜ୍ରାତ୍ ।।୯।।
ଅରୋରବୀଦ୍ବୃଷ୍ଣୋ ଅସ୍ୟ ବଜ୍ରୋଽମାନୁଷଂ ୟନ୍ମାନୁଷୋ ନିଜୂର୍ବାତ୍ ।
ନି ମାୟିନୋ ଦାନବସ୍ୟ ମାୟା ଅପାଦୟତ୍-ପପିବାନ୍ତ୍ସୁତସ୍ୟ ।।୧୦।।
ପିବାପିବେଦିନ୍ଦ୍ର ଶୂର ସୋମଂ ମନ୍ଦନ୍ତୁ ତ୍ୱା ମନ୍ଦିନଃ ସୁତାସଃ ।
ପୃଣନ୍ତସ୍ତେ କୁକ୍ଷୀ ବର୍ଧୟନ୍ତ୍ୱିତ୍-ଥା ସୁତଃ ପୌର ଇନ୍ଦ୍ରମାବ ।।୧୧।।
ତ୍ୱେ ଇନ୍ଦ୍ରାପ୍ୟଭୂମ ବିପ୍ରା ଧିୟଂ ବନେମ ଋତୟା ସପନ୍ତଃ ।
ଅବସ୍ୟବୋ ଧୀମହି ପ୍ରଶସ୍ତିଂ ସଦ୍ୟସ୍ତେ ରାୟୋ ଦାବନେ ସ୍ୟାମ ।।୧୨।।
ସ୍ୟାମ ତେ ତ ଇନ୍ଦ୍ର ୟେ ତ ଊତୀ ଅବସ୍ୟବ ଊର୍ଜଂ ବର୍ଧୟନ୍ତଃ ।
ଶୁଷ୍ମିନ୍ତମଂ ୟଂ ଚାକନାମ ଦେବାସ୍ମେ ରୟିଂ ରାସି ବୀରବନ୍ତମ୍ ।।୧୩।।
ରାସି କ୍ଷୟଂ ରାସି ମିତ୍ରମସ୍ମେ ରାସି ଶର୍ଧ ଇନ୍ଦ୍ର ମାରୁତଂ ନଃ ।
ସଜୋଷସୋ ୟେ ଚ ମନ୍ଦସାନାଃ ପ୍ର ବାୟବଃ ପାନ୍ତ୍ୟଗ୍ରଣୀତିମ୍ ।।୧୪।।
ବ୍ୟନ୍ତ୍ୱିନ୍ନୁ ୟେଷୁ ମନ୍ଦସାନସ୍ତୃପତ୍ସୋମଂ ପାହି ଦ୍ରହ୍ୟଦିନ୍ଦ୍ର ।
ଅସ୍ମାନ୍ତ୍ସୁ ପୃତ୍ସ୍ୱା ତରୁତ୍ରାବର୍ଧୟୋ ଦ୍ୟାଂ ବୃହଦ୍-ଭିରର୍କୈଃ ।।୧୫।।
ବୃହନ୍ତ ଇନ୍ନୁ ୟେ ତେ ତରୁତ୍ରୋକ୍-ଥେଭିର୍ବା ସୁମ୍ନମାବିବାସାନ୍ ।
ସ୍ତୃଣାନାସୋ ବର୍ହିଃ ପସ୍ତ୍ୟାବତ୍ତ୍ୱୋତା ଇଦିନ୍ଦ୍ର ବାଜମଗ୍ମନ୍ ।।୧୬।।
ଉଗ୍ରେଷ୍ୱିନ୍ନୁ ଶୂର ମନ୍ଦସାନସ୍ତ୍ରିକଦ୍ରୁକେଷୁ ପାହି ସୋମମିନ୍ଦ୍ର ।
ପ୍ରଦୋଧୁବଚ୍ଛ୍ମଶ୍ରୁଷୁ ପ୍ରୀଣାନୋ ୟାହି ହରିଭ୍ୟାଂ ସୁତସ୍ୟ ପୀତିମ୍ ।।୧୭।।
ଧିଷ୍ୱା ଶବଃ ଶୂର ୟେନ ବୃତ୍ରମବାଭିନଦ୍ଦାନୁମୌର୍ଣ୍ଣବାଭମ୍ ।
ଅପାବୃଣୋର୍ଜ୍ୟୋତିରାର୍ୟାୟ ନି ସବ୍ୟତଃ ସାଦି ଦସ୍ୟୁରିନ୍ଦ୍ର ।।୧୮।।
ସନେମ ୟେ ତ ଊତିଭିସ୍ତରନ୍ତୋ ବିଶ୍ୱାଃ ସ୍ପୃଧ ଆର୍ୟେଣ ଦସ୍ୟୂନ୍ ।
ଅସ୍ମଭ୍ୟଂ ତତ୍ତ୍ୱାଷ୍ଟ୍ରଂ ବିଶ୍ୱରୂପମରନ୍ଧୟଃ ସାଖ୍ୟସ୍ୟ ତ୍ରିତାୟ ।।୧୯।।


For personal study purpose Only, Not for Commercial use. Please contact editor – prakash@scholarshoppe.com
Not for Commercial Use

ଅସ୍ୟ ସୁବାନସ୍ୟ ମନ୍ଦିନସ୍ତ୍ରିତସ୍ୟ ନ୍ୟର୍ବୁଦଂ ବାବୃଧାନୋ ଅସ୍ତଃ ।
ଅବର୍ତୟତ୍ସୂର୍ୟୋ ନ ଚକ୍ରଂ ଭିନଦ୍ବଲମିନ୍ଦ୍ରୋ ଅଙ୍ଗିରସ୍ୱାନ୍ ।।୨୦।।
ନୂନଂ ସା ତେ ପ୍ରତି ବରଂ ଜରିତ୍ରେ ଦୁହୀୟଦିନ୍ଦ୍ର ଦକ୍ଷିଣା ମଘୋନୀ ।
ଶିକ୍ଷା ସ୍ତୋତୃଭ୍ୟୋ ମାତି ଧଗ୍ଭଗୋ ନୋ ବୃହଦ୍ବଦେମ ବିଦଥେ ସୁବୀରାଃ ।।୨୧।।

================================================================

**(୨|୧୨)** ଋଷିଃ - ଗୃତ୍ସମଦଃ ଭାର୍ଗବଃ ଶୌନକଃ, ଛନ୍ଦଃ - ତ୍ରିଷ୍ଟୁପ୍, ଦେବତା - ଇନ୍ଦ୍ରଃ

================================================================

ଯୋ ଜାତ ଏବ ପ୍ରଥମୋ ମନସ୍ୱାନ୍ଦେବୋ ଦେବାନ୍-କ୍ରତୁନା ପର୍ୟଭୂଷତ୍ ।
ଯସ୍ୟ ଶୁଷ୍ମାଦ୍ରୋଦସୀ ଅଭ୍ୟସେତାଂ ନୃମ୍ଣସ୍ୟ ମହ୍ନା ସ ଜନାସ ଇନ୍ଦ୍ରଃ ।।୧।।
ଯଃ ପୃଥିବୀଂ ବ୍ୟଥମାନାମଦୃଂହଦ୍ୟଃ ପର୍ବତାନ୍ପ୍ରକୁପିତାଁ ଅରମ୍ଣାତ୍ ।
ଯୋ ଅନ୍ତରିକ୍ଷଂ ବିମମେ ବରୀୟୋ ଯୋ ଦ୍ୟାମସ୍ତଭ୍ନାତ୍ସ ଜନାସ ଇନ୍ଦ୍ରଃ ।।୨।।
ଯୋ ହତ୍ୱାହିମରିଣାତ୍ସପ୍ତ ସିନ୍ଧୂନ୍ୟୋ ଗା ଉଦାଜଦପଧା ବଲସ୍ୟ ।
ଯୋ ଅଶ୍ମନୋରନ୍ତରଗ୍ନିଂ ଜଜାନ ସଂବୃକ୍ସମତ୍ସୁ ସ ଜନାସ ଇନ୍ଦ୍ରଃ ।।୩।।
ଯେନେମା ବିଶ୍ୱା ଚ୍ୟବନା କୃତାନି ଯୋ ଦାସଂ ବର୍ଣମଧରଂ ଗୁହାକଃ ।
ଶ୍ୱଘ୍ନୀବ ଯୋ ଜିଗୀବାଁ ଲକ୍ଷମାଦଦର୍ୟଃ ପୁଷ୍ଟାନି ସ ଜନାସ ଇନ୍ଦ୍ରଃ ।।୪।।
ଯଂ ସ୍ମା ପୃଚ୍ଛନ୍ତି କୁହ ସେତି ଘୋରମୁତେମାହୁର୍ନୈଷୋ ଅସ୍ତୀତ୍ୟେନମ୍ ।
ସୋ ଅର୍ୟଃ ପୁଷ୍ଟୀର୍ବିଜ ଇବା ମିନାତି ଶ୍ରଦସ୍ମୈ ଧତ୍ତ ସ ଜନାସ ଇନ୍ଦ୍ରଃ ।।୫।।
ଯୋ ରଧ୍ରସ୍ୟ ଚୋଦିତା ଯଃ କୃଶସ୍ୟ ଯୋ ବ୍ରହ୍ମଣୋ ନାଧମାନସ୍ୟ କୀରେଃ ।
ଯୁକ୍ତଗ୍ରାବ୍-ଣୋ ଯୋଽବିତା ସୁଶିପ୍ରଃ ସୁତସୋମସ୍ୟ ସ ଜନାସ ଇନ୍ଦ୍ରଃ ।।୬।।
ଯସ୍ୟାଶ୍ୱାସଃ ପ୍ରଦିଶି ଯସ୍ୟ ଗାବୋ ଯସ୍ୟ ଗ୍ରାମା ଯସ୍ୟ ବିଶ୍ୱେ ରଥାସଃ ।
ଯଃ ସୂର୍ୟଂ ଯ ଉଷସଂ ଜଜାନ ଯୋ ଅପାଂ ନେତା ସ ଜନାସ ଇନ୍ଦ୍ରଃ ।।୭।।
ଯଂ କ୍ରନ୍ଦସୀ ସଂୟତୀ ବିହ୍ୱୟେତେ ପରେଽବର ଉଭୟା ଅମିତ୍ରାଃ ।
ସମାନଂ ଚିଦ୍ରଥମାତସ୍ଥିବାଂସା ନାନା ହବେତେ ସ ଜନାସ ଇନ୍ଦ୍ରଃ ।।୮।।
ଯସ୍ମାନ୍ନ ଋତେ ବିଜୟନ୍ତେ ଜନାସୋ ଯଂ ଯୁଧ୍ୟମାନା ଅବସେ ହବନ୍ତେ ।
ଯୋ ବିଶ୍ୱସ୍ୟ ପ୍ରତିମାନଂ ବଭୂବ ଯୋ ଅଚ୍ୟୁତଚ୍ୟୁତ୍ସ ଜନାସ ଇନ୍ଦ୍ରଃ ।।୯।।

Not for Commercial Use


For personal study purpose Only, Not for Commercial use. Please contact editor – prakash@scholarshoppe.com

ୟଃ ଶଶ୍ୱତୋ ମହ୍ୟେନୋ ଦଧାନାନମନ୍ୟମାନାଞ୍ଛର୍ବା ଜଘାନ ।
ୟଃ ଶର୍ଧତେ ନାନୁଦଦାତି ଶୃଧ୍ୟାଂ ୟୋ ଦସ୍ୟୋର୍ହନ୍ତା ସ ଜନାସ ଇନ୍ଦ୍ରଃ ।।୧୦।।
ୟଃ ଶମ୍ବରଂ ପର୍ବତେଷୁ କ୍ଷିୟନ୍ତଂ ଚତ୍ୱାରିଂଶ୍ୟାଂ ଶରଦ୍ୟନ୍ୱବିନ୍ଦତ୍ ।
ଓଜାୟମାନଂ ୟୋ ଅହିଂ ଜଘାନ ଦାନୁଂ ଶୟାନଂ ସ ଜନାସ ଇନ୍ଦ୍ରଃ ।।୧୧।।
ୟଃ ସପ୍ତରଶ୍ମିର୍ବୃଷଭସ୍ତୁବିଷ୍ମାନବାସୃଜତ୍ସର୍ତବେ ସପ୍ତ ସିନ୍ଧୂନ୍ ।
ୟୋ ରୌହିଣମସ୍-ଫୁରଦ୍ୱଜ୍ରବାହୁର୍ଦ୍ୟାମାରୋହନ୍ତଂ ସ ଜନାସ ଇନ୍ଦ୍ରଃ ।।୧୨।।
ଦ୍ୟାବା ଚିଦସ୍ମୈ ପୃଥିବୀ ନମେତେ ଶୁଷ୍ମାଚ୍ଚିଦସ୍ୟ ପର୍ବତା ଭୟନ୍ତେ ।
ୟଃ ସୋମପା ନିଚିତୋ ବଜ୍ରବାହୁର୍ୟୋ ବଜ୍ରହସ୍ତଃ ସ ଜନାସ ଇନ୍ଦ୍ରଃ ।।୧୩।।
